୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.06 Bhubaneswar Wednesday February 08 2023 | ୨୬ତମ ବର୍ଷ ସଂଖ୍ୟା-୦୬ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୦୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୧୬ରେ ବିଜୟ ଉତ୍ସବ ମନାଇବେ ନବୀନ, ପରାଜୟର ପୋଷ୍ଟମର୍ଟମ କଲେନି

ଭୁବନେଶ୍ୱର,୭।୨(ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁର ୧୦ଦିନ ପରେ ବି ହତ୍ୟା ପଛର କାରଣ ରହସ୍ୟମୟ ହୋଇ ରହିଥିବାବେଳେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୟ ଉତ୍ସବ ମନାଇବା ପାଇଁ ଆସନ୍ତା ୧୬ତାରିଖରେ ପଦ୍ମପୁର ଗସ୍ତରେ ଯିବେ ବୋଲି ଜଣାପଡିଛି । ଗତ ଡିସେମ୍ବର ମାସରେ ପଦ୍ମପୁର ବିଧାନସଭା ଉପନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ଓ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବାକୁ ନବୀନ ପଦ୍ମପୁର ଯିବେ ତଥା ବିଜୟ ଉତ୍ସବରେ ସାମିଲ ହେବେ । କିନ୍ତୁ ବିଜେଡିର ବିଜୟଧାରାରେ ଧାମନଗର ଉପନିର୍ବାଚନରେ ବ୍ରେକ୍ ଲାଗିବା, ଦେ ଦଶନ୍ଧି ପରେ ଦଳ ପରାଜୟର ସ୍ୱାଦ ଚାଖିବା ଓ ଏଥିପାଇଁ ଦାୟୀ ନେତୃବୃନ୍ଦଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ନେତୃତ୍ୱ ସାହସ କରିପାରିନାହାନ୍ତି । ପଦ୍ମପୁର ପାଇଁ ବିଜୟ ଉତ୍ସବ ପାଳିବାକୁ ନିଷ୍ପତ୍ତି ନେଉଥିବା ବିଜେଡି କିନ୍ତୁ ଧାମନଗର ପରାଜୟର ପୋଷ୍ଟମର୍ଟମ ନକରିବା ବଡ଼ାକଥା ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୬ତାରିଖରେ ପଦ୍ମପୁର ଗସ୍ତରେ ଯିବେ । ଏଥିପାଇଁ ଉଭୟ ପ୍ରଶାସନ ଓ ବିଜେଡିଭିତରେ ପ୍ରସ୍ତୁତି ଆରମ୍ଭ ହୋଇଛି । ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଓ ପଦ୍ମପୁରର ଚାଷୀଙ୍କୁ ବୀମା ରାଶି ପ୍ରଦାନର ଦୁଇଟି ଯାକ ଦାବିକୁ ଉପନିର୍ବାଚନବେଳେ ଶାସକ ବିଜେଡି ଗ୍ରହଣ କରିବା ସହ ନିଜର ଉନ୍ନତ ରଣନୀତି ଯୋଗୁ ଦଳୀୟ ପ୍ରାର୍ଥୀଙ୍କୁ ୪୨ହଜାର ଭୋଟ ବ୍ୟବଧାନରେ ବିଜୟୀ କରାଇ ପାରିଥିଲା । ପଦ୍ମପୁରବାସୀ ରେକର୍ଡ ପରିମାଣର ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ବିଜୟୀ କରିଥିବାରୁ ଆସନ୍ତା ୧୬ତାରିଖରେ ପଦ୍ମପୁରବାସୀଙ୍କୁ ଧନ୍ୟବାଦ ଜଣାଇବାକୁ ମୁଖ୍ୟମନ୍ତ୍ରୀ ପଦ୍ମପୁର ଯିବେ ବୋଲି ଜଣାପଡିଛି । ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦାବି ଘୋଷଣା ନିଜେ ମୁଖ୍ୟମନ୍ତ୍ରୀ କରିସାରିଥିବାରୁ ତା' ପୂର୍ବରୁ ଏ ସଂକ୍ରାନ୍ତ ପ୍ରସ୍ତାବ କ୍ୟାବିନେଟରେ ପାରିତ କରିବାର ସମ୍ଭାବନା ଥିବା ସୂଚନା ମିଳିଛି । ନବୀନଙ୍କ ଗସ୍ତ କାର୍ଯ୍ୟକ୍ରମ ସରକାରୀ ହୋଇଥିଲେ ମଧ୍ୟ ବିଜେଡି ସେଠାରେ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ।



## ଆଦାନୀଙ୍କୁ ନେଇ ସଂସଦରେ ପ୍ରଧାନମନ୍ତ୍ରୀଙ୍କୁ ଘେରିଲେ ରାହୁଲ, କାଉଣ୍ଟର କଲା ବିଜେପି



ନୂଆଦିଲ୍ଲୀ,୭।୨(ପି.ଏନ): ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଦେଶର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ଅଡ଼ଳରେ ପଡ଼ିଥିବା ବେଳେ ମଙ୍ଗଳବାର ଏହି ପ୍ରସଙ୍ଗରେ ଲୋକସଭାରେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ।ରାହୁଲ କହିଥିଲେ ଯେ ଗୌତମ ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟକୁ ବ୍ୟାପକ କରାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ରହିଛି । ସେ ଆଦାନୀ ଗ୍ରୁପକୁ ସାହାଯ୍ୟ କରିଛନ୍ତି ।ସେ କହିଥିଲେ, ଗୌତମ ଆଦାନୀ କେବେ କୌଣସି ବ୍ୟବସାୟରେ ବିଫଳ ହୋଇନାହାନ୍ତି । ଭାରତ ଯୋଡ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଲୋକେ ମୋତେ ପଚାରିଥିଲେ- ଆଦାନୀ କିପରି ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ କରି ସଫଳତା ପାଉଛନ୍ତି ? ସେହିପରି ପ୍ରଧାନମନ୍ତ୍ରୀଙ୍କ ସହିତ ତାଙ୍କର କି ସଂପର୍କ ରହିଛି ବୋଲି ଲୋକେ ପଚାରିଥିଲେ । ଲୋକେ ଆହୁରି ପଚାରିଥିଲେ ୨୦୧୪ରୁ ୨୦୨୨ ମଧ୍ୟରେ ଆଦାନୀଙ୍କ ମୋଟ ସଂପତ୍ତି ୮ ବିଲିୟନ ଡଲାରରୁ ୧୪୦ ବିଲିୟନ ଡଲାରକୁ କେମିତି ବୃଦ୍ଧି ପାଇଲା ।

## ବୁଧବାର ଶ୍ରୀଜୀଉଙ୍କ ବନକଲାଗି ନୀତି : ୪ ଘଂଟା ବନ୍ଦ ରହିବ ଦର୍ଶନ

ପୁରୀ, ୭।୨(ପି.ଏନ):ଆସନ୍ତାକାଲି ବୁଧବାର ଫାଲଗୁନ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିର ରତ୍ନ ସିଂହାସନ ଉପରେ ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର ଅର୍ଥାତ୍ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହେବା ପରେ ଆପାତତଃ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ (୪ ଘଂଟା) ଏହି ଗୁପ୍ତ ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ପରମ୍ପରା ଅନୁଯାୟୀ, ଶ୍ରୀଜୀଉଙ୍କ ଦ୍ୱିତୀୟ ଭୋଗମଣ୍ଡପ ଶେଷ ପରେ ପହୁଡ଼ ଆଳତୀ କରାଯିବ । ଏହାପରେ ଭିତରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯିବ । ଗର୍ଭଗୃହ ମଧ୍ୟରେ ଦତ ମହାପାତ୍ର ସେବାୟତ ମାନେ ଶ୍ରୀ ଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ । ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର ନୀତିରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର କରାଯାଇଥାଏ । ବନକ ଲାଗି ନୀତି ସମାପନ ପରେ ଶ୍ରୀବିଗ୍ରହ ମାନଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ଏହାପରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ କରିପାରିବେ ।

## ଦୁର୍ନୀତି ମାମଲାରେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜେଲ୍

ଭୁବନେଶ୍ୱର, ୭।୨(ପି.ଏନ): ବେଆଇନ ଭାବେ ଜୁନିଅର କିରାଣି, ଅମିନ ନିଯୁକ୍ତି ମାମଲାରେ ଗଜପତି ଜିଲ୍ଲା ରାୟଗଡ଼ ଜଳସେଚନ ସର୍କଲ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜେଲ୍ ଦଣ୍ଡାଦେଶ ହୋଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲା ରାୟଗଡ଼ ଜଳସେଚନ ସର୍କଲ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୨ ବର୍ଷ ଜେଲ୍ ଦଣ୍ଡାଦେଶ, ସହ ୫ ହଜାର ଜରିମାନା ଆଦେଶ ଦେଇଛନ୍ତ

## ଦୁର୍ବଳ ହୋଇନି କଂଗ୍ରେସ ! ୨୦୨୪ ଲୋକସଭା ନିର୍ବାଚନରେ ମୋଦିଙ୍କୁ ଦେବ କଡ଼ା ଟକ୍କର, ଜାଣନ୍ତୁ କ'ଣ କହୁଛି ସର୍ଭେ

ନୂଆଦିଲ୍ଲୀ ,୭।୨(ପି.ଏନ): ଆଗାମୀ ଲୋକସଭା ନିର୍ବାଚନ ଲାଗି ରାଜନୈତିକ ଦଳମାନେ ଏବେଠାରୁ ସମୀକରଣ କରିବା ଆରମ୍ଭ କରିଦେଲେଣି । ଗତଥର ତୃତୀୟଥର କ୍ଷମତାକୁ ଫେରିବା ଲାଗି ବିଜେପି ରଣନୀତିକାର ଏବେ ଠିକରାତି ଏକ କରିଦେଇଛନ୍ତି । ଏଥିରେ କଂଗ୍ରେସ ରାହୁଲ ଗାନ୍ଧିଙ୍କ 'ଭାରତ ଯୋଡୋ ଯାତ୍ରା'ରୁ ଲାଭ ପାଇବ ବୋଲି ଆଶା ବାନ୍ଧି ବସିଛି । ତେବେ ଆସନ୍ତୁ ଜାଣିବା କଣ କହୁଛି ସି- ଭୋଟର ସର୍ଭେ । ଏହି ସର୍ଭେ ସହିତ ଇଣ୍ଡିଆ ଟୁଡେର ଏକ ସର୍ଭେ ମଧ୍ୟ ସାମ୍ନାକୁ ଆସିଛି । ଯେଉଁଥିରୁ କଂଗ୍ରେସ ଏବେବି ଦୁର୍ବଳ ହୋଇ ନଥିବା ଜଣାପଡିଛି ।ଉଭୟ ସର୍ଭେରୁ କଂଗ୍ରେସକୁ ଭୋଟ ସେୟାର ଓ ସିଟ୍ ଉଭୟରେ ଲାଭ ମିଳୁଥିବା ଦେଖାଯାଇଛି । ତେବେ ସର୍ଭେ ?ରୁ ପୁଣି ଥରେ ନରେନ୍ଦ୍ର ମୋଦି ସରକାରଙ୍କୁ ସଂଖ୍ୟାଗରିଷ୍ଠତା ମିଳୁଥିବା ଜଣାପଡିଛି । ଭାରତ ଯୋଡୋ ଯାତ୍ରା ପରେ କଂଗ୍ରେସର୍ ସିଟ୍ ସଂଖ୍ୟା ବଢୁଥିବା ଦେଖାଯାଇଛି । ଯାହା ଉଭୟ ବିଜେପି ଓ ନରେନ୍ଦ୍ର ମୋଦିଙ୍କ ଲାଗି ଚିନ୍ତାର ବିଷୟ ବୋଲି କୁହାଯାଉଛି । ଗତ ଜାନୁୟାରୀ ମାସରେ ହୋଇଥିବା ଏହି



ସର୍ଭେରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ୨୯୮ ଆସନ ମିଳିବ ବୋଲି ଆଶା କରାଯାଉଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କୁ ୧୫୩ଟି ଆସନ ଚାଲି ଯାଉଥିବାର ଦେଖାଯାଇଛି ।ତେବେ ଏଜେନ୍ସୀଙ୍କର ଏହା ପ୍ରଥମ ସର୍ଭେ ନୁହେଁ । ଗତବର୍ଷ ଅର୍ଥାତ ୨୦୨୨ ଜାନୁୟାରୀରେ ମଧ୍ୟ ଏକ ସର୍ଭେ ହୋଇଥିଲା । ଯେଉଁଥିରେ ଏନଡିଏକୁ ୨୯୬ ଓ ୟୁପିଏକୁ ୧୨୭ ସିଟ୍ ମିଳୁଥିବାର ଆକଳନ କରାଯାଇଥିଲା । ଏହି ସର୍ଭେରେ ଅନ୍ୟ ନିର୍ଦ୍ଦଳୀୟଙ୍କୁ ୧୨୦ ଆସନ ଦିଆଯାଇଥିଲା । ଏଥିରେ ୨୦୨୨ ସର୍ଭେସହ ତାଜା ସର୍ଭେ ରିପୋର୍ଟକୁ ତୁଳନା କଲେ ୟୁପିଏକୁ ଅଧିକ ୨୬ଟି ସିଟ୍ ମିଳୁଥିବାର ଦେଖାଯାଉଛି ।ତେବେ ଏହି ସର୍ଭେ ?କ୍ଷଣରୁ ୟୁପିଏର ବଢୁଥିବା ଭୋଟ ନିର୍ଦ୍ଦଳୀୟ ଓ ଅନ୍ୟଙ୍କ ଭୋଟରୁ କମୁଛି ବୋଲି ଜଣାପଡୁଛି । ତେବେ ବିଜେପି ଓ ଏନଡିଏ ଆସନ ସମୀକରଣରେ ସେପରି କୌଣସି ପରିବର୍ତ୍ତନ ହେଉ ନାହିଁ । ହେଲେ ବର୍ଷକ ପରେ ହେଉଥିବା ସର୍ଭେ ?କ୍ଷଣରୁ ବିଜେପିକୁ ଅଧିକ ୨ଟି ଆସନ ମିଳୁଥିବା ଦେଖାଯାଉଛି । ୨୦୨୨ ସର୍ଭେକ୍ଷଣରେ ନିର୍ଦ୍ଦଳୀୟ ଓ ଅନ୍ୟ ଆଞ୍ଚଳିକ ଦଳଙ୍କ ଖାତାକୁ ୧୨୦ଟି ସିଟ୍ ଯିବ ବୋଲି ଆକଳନ କରାଯାଉଥିଲା । ତେବେ ତାଜା ସର୍ଭେକ୍ଷଣରୁ ନିର୍ଦ୍ଦଳୀୟ ଓ ଅନ୍ୟଙ୍କ ଆସନ ୯୨କୁ ହ୍ରାସ ହୋଇଛି । ଏହି ହିସାବରୁ ନିର୍ଦ୍ଦଳୀୟ ଓ ଅନ୍ୟଙ୍କ ୨୮ଟି ଆସନର କ୍ଷତି ହେଉଥିବା ଦେଖାଯାଇଛି ।ନିକଟରେ ଶେଷ ହୋଇଥିବା ସର୍ଭେରେ ଯଦି ଏବେ ନିର୍ବାଚନ ହୁଏ ତେବେ ବିଜେପି ଓ ସହଯୋଗୀ ଦଳଙ୍କୁ ୪୩ ପ୍ରତିଶତ ଭୋଟ ସେୟାର ମିଳୁଥିବା ବେଳେ ୟୁପିଏକୁ ୩୦ ଏବଂ ନିର୍ଦ୍ଦଳୀୟ ଓ ଅନ୍ୟଙ୍କୁ ୨୭ ପ୍ରତିଶତ ଭୋଟ ସେୟାର ମିଳୁଥିବା ଜଣାପଡିଥିଲା । ତେବେ ଏହା ପୂର୍ବରୁ ୨୦୨୨ ଜାନୁୟାରୀରେ ହୋଇଥିବା ସର୍ଭେରୁ ଏନଡିଏକୁ ୪୧ ପ୍ରତିଶତ ଭୋଟ ସେୟାରିଂ ମିଳୁଥିବା ବେଳେ ୟୁପିଏକୁ ୨୭ ପ୍ରତିଶତ ଭୋଟ ସେୟାର ମିଳୁଥିଲା ।

## ହାଇକୋର୍ଟ ପ୍ରୋସିଜିଓର ଅନୁସାରେ ନବ ଦାସ ହତ୍ୟା ମାମଲାର ତଦନ୍ତ ହେଉଛି: ଜଷ୍ଟିସ ଜେପି ଦାସ

ଭୁବନେଶ୍ୱର,୭।୨(ପି.ଏନ): ହାଇକୋର୍ଟ ପ୍ରୋସିଜିଓର ଅନୁସାରେ ନବ ଦାସ ହତ୍ୟା ମାମଲାର ତଦନ୍ତ ହେଉଛି । ଏହା କହିଛନ୍ତି ମାମଲାର ନ୍ୟାୟିକ ତଦାରଖ କରୁଥିବା ଜଷ୍ଟିସ ଜେପି ଦାସ । ଏହି ମାମଲାର ତଦନ୍ତ ନେଇ ବିରୋଧୀ ଦଳ ଉଠାଇଥିବା ପ୍ରଶ୍ନ ଉପରେ ଜେପି ଦାସ ପ୍ରତିକ୍ରିୟାରେ କହିଛନ୍ତି, ସେଇଟା ସେମାନେ କହିବେ । ଆଜି ଏହି ମାମଲାର ନିରୀକ୍ଷଣ ପାଇଁ ଝାରସୁଗୁଡା ଯାଉଥିବା ବେଳେ ଭୁବନେଶ୍ୱର ଏୟାରପୋର୍ଟରେ ଗଣମାଧ୍ୟମକୁ ସେ ଏହା କହିଛନ୍ତି ।ସେ ଆହୁରି କହିଛନ୍ତି, ମାମଲାର ତଦନ୍ତ କିପରି ଚାଲିଛି ଜାଣିବାକୁ ଆବଶ୍ୟକ ପଡିଲେ ଘଟଣାସ୍ଥଳକୁ ଯିବେ । ସେଠାରେ ପହଞ୍ଚିବା ପରେ କ'ଣ କରାଯିବ ସେନେଇ ସ୍ଥିର କରାଯିବ । ଯେହେତୁ ଆଜି କ୍ରାଇମ୍ ରିକ୍ରେଏସନ୍ ଚାଲିଛି ତେଣୁ ଆଇଓ ଓ ଅନ୍ୟ ଅଫିସରମାନେ ଘଟଣାସ୍ଥଳରେ ଅଛନ୍ତି, ତେଣୁ ଆଜି ନ ହେଲେ ଆସନ୍ତାକାଲି ସେମାନଙ୍କ ସହ ଆଲୋଚନା କରାଯିବ । ପରାମର୍ଶ ଅନୁସାରେ ତଦନ୍ତ ହେଉଛି ନା ନାହିଁ ନିରୀକ୍ଷଣ କରାଯିବ । ଆଉ କିଛି ଆବଶ୍ୟକ ପଡିଲେ ପଦକ୍ଷେପ ନିଆଯିବ । ମାମଲାର ଠିକ୍ ତଦନ୍ତ ଚାଲିଛି ବୋଲି ଖବର ମିଳିଛି । ଏହାପରେ କ'ଣ ଡେଭଲପମେଣ୍ଟ ଦେଖିବାକୁ ପଡିବ ।

## ରେଳ ୱାଗନରେ ମୋରମ ଚାଲାଣ ବେଳେ ମାଡି ବସିଲା ପ୍ରଶାସନ, ମେସିନ ଜବତ, ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଇଲେ ସରକାର

ନୀଳଗିରି,୭।୨(ପି.ଏନ): ନୀଳଗିରି ଗୋପୀନାଥପୁର ଠାରେ ରେଳ ଷ୍ଟେସନ ନିର୍ମାଣ ଅଞ୍ଚଳବାସୀ ଓ ସ୍ଥାନୀୟ ପ୍ରଶାସନକୁ ଭୁଆଁ ବୁଲାଇ ବ୍ୟାପକ ରାଜସ୍ୱ ଲୁଟ ହେଉଛି ।ପୂର୍ବରୁ ମୋରମ ଟ୍ରକରେ ଚାଲାଣ କରି ଜୋରିମାନା ଦେଇଥିବା ବେଳେ ପୁଣି ଆଜି ରେଳ ୱାଗନରେ ମୋରମ ଚାଲାଣ ବେଳେ ସ୍ଥାନୀୟ ପ୍ରଶାସନ ମାଡିବସିଥିବା ଜଣାପଡିଛି ।ସୂଚନାଯୋଗ୍ୟ, ନୀଳଗିରି ଗୋପୀନାଥପୁରକୁ ପାସେଞ୍ଜର ଟ୍ରେନ ଚାଲିବା ନେଇ ଏକ ନୂତନ ରେଳ ଷ୍ଟେସନ ନିର୍ମାଣ କାର୍ଯ୍ୟ ଚାଲୁଅଛି ।କାମ ଆରମ୍ଭଠାରୁ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଥିବା ବେଳେ ରେଳ ବିଭାଗର ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନେ ଠିକାଦାରଙ୍କର ଦୋଷ ଦୁର୍ବଳତା ଲୁଚାଉଛନ୍ତି । କେତେବେଳେ ଷ୍ଟେସନ ବିଲିଡିଂ କାର୍ଯ୍ୟ ନିମ୍ନ ମାନର ହେଉଛି ତ ଆଉ କେତେବେଳେ ଷ୍ଟେସନ କଂକ୍ରିଟ ଫାଟି ଥିବା ଦେଖିବାକୁ ମିଳିଛି ।ଏବେ ରେଳବିଭାଗ ୱାଗନରେ ମେସିନ ସାହାଯ୍ୟରେ ମୋରମ ବାହାରକୁ ଚାଲାଣ କରୁଥିବା ଜଣାପଡିଛି ।ରେଳ ବିଭାଗର ଦାବି ତା ନିଜସ୍ୱ ଜାଗାରୁ ନିଜ କାମରେ ମୋରମ ଲଗାଇ ପାରିବ ।ସେପଟେ ପୂର୍ବରୁ ରାଜସ୍ୱ ବିଭାଗ ଅନୁମତି ନନେଇ ରାଜସ୍ୱହାନୀ କରିବା ଅଭିଯୋଗରେ ଗୋପୀନାଥପୁରରୁ ଟ୍ରକରେ ମୋରମ




ଚାଲାଣ ବେଳେ ୮୦ ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲା । ଠିକାଦାରଙ୍କ କାର୍ଯ୍ୟରେ କଣ ଏସ୍ଟିମେଣ୍ଟ ଅଛି ଆଉ ବିଭାଗ ତାଙ୍କୁ କେଉଁ ସ୍ୱାର୍ଥରେ ମୋରମ ଯୋଗାଉଛି ଏନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି ।ଆଜି ସନ୍ଧ୍ୟାରେ ଖବର ପାଇ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଏସଡ଼ିପିଓ ରିତେଶ କୁମାର ମହାପାତ୍ର ତହସିଲଦାର ରଞ୍ଜନ ବେହେରା ଅଚାନକ ଚଢ଼ାଉ କରି ଏକ ଜେସିବି ମେସିନ ଜବତ କରି ଥାନାକୁ ଆଣିଥିବା ବେଳେ ଆଉ ଏକ ମେସିନ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ଜଣାପଡିଛି ।ସେହିପରି କିଛି ଟ୍ରାକ୍ଟର ମଧ୍ୟ ଖସି ପଳାଇ ଯାଇଥିବା ଜଣାପଡିଛି ।ଥାନାରେ ପ୍ରଶାସନିକ ସ୍ତରରେ ଏକ ଆଲୋଚନା ହେଉଥିବା ବେଳେ ରେଳ ବିଭାଗ ତାର ନିଜ ଜାଗାରୁ ମୋରମ ଉଠାଇ ନେଇ ପାରିବ ବୋଲି ଯୁକ୍ତି ବାଢିଥିବା ଜଣାପଡିଛି ।ସେପଟେ ଅଞ୍ଚଳବାସୀ ନିଜ ସ୍ଥାନରୁ ମୋରମ କିମ୍ବା ପଥର ଉତ୍ତୋଳନ କରିବା ପାଇଁ ସରକାରଙ୍କ ଠାରୁ ଅନୁମତି ନେଉଥିବା ବେଳେ ରେଳବିଭାଗର ଠିକାଦାର କେଉଁ ସ୍ୱାର୍ଥରେ ମୋରମ ରେଳବିଭାଗ ଜାଗାରେ ତାଡି ମରଣଯନ୍ତା କରିଛନ୍ତି ଏନେଇ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି ।ତେବେ ଏକ ଜଏଣ୍ଟ ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଥିବା ବେଳେ ଜିଲ୍ଲାପାଳ କିଛି କାମ ସରିନି ବୋଲି କହିଛନ୍ତି ।ତେବେ ରେଳଷ୍ଟେସନ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ ହୋଇଥିବା ଅଭିଯୋଗ ଆସିଥିବା ବେଳେ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ନିଜେ ତଦନ୍ତ କରିବା ସହ ରେଳବିଭାଗ ଅଧିକାରୀ ଠିକାଦାରଙ୍କୁ କେଉଁ କାରଣରୁ ରାଜସ୍ୱ ନଦେଇ ମୋରମ ଚାଲାଣରେ ସହଯୋଗ କରୁଛି ତାର ପ୍ରକୃତ ସତ୍ୟାସତ୍ୟ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କୃଷକମାନଙ୍କ ସମସ୍ତ ଧାନ କ୍ରୟ ସହିତ ଏମଏସପିକୁ ନିଶ୍ଚିତ କରୁ କେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୭।୨(ପି.ଏନ): କେନ୍ଦ୍ର ସରକାର ଚଳିତ ବର୍ଷର ବଜେଟରେ ଧାନ କ୍ରୟ କ୍ଷେତ୍ରରେ ୨୦,୦୦୦ କୋଟି ଟଙ୍କାର ବୃହତ ରାଶି ହ୍ରାସ କରିଛନ୍ତି । ସ୍ୱାମୀନାଥନ୍ କମିଶନ ରିପୋର୍ଟ ସୁପାରିଶ କାର୍ଯ୍ୟକାରିତା ବିଷୟ ବି ଭୁଲିଯାଇଛନ୍ତି । ଏହି ବୃହତ ୨୦,୦୦୦ କୋଟି ଟଙ୍କା ହ୍ରାସ ଯୋଗୁଁ କୃଷକମାନେ ସେମାନଙ୍କର ଏମ୍ଏସ୍ପି ପାଇବାରେ ଅସମର୍ଥ ହେବେ ଏବଂ ଧାନ କିଣା କ୍ରମଶଃ ହ୍ରାସ ପାଇବ । ଏହା ଓଡିଶାର କୃଷକମାନଙ୍କୁ ବିଶେଷ ଭାବରେ ପଶ୍ଚିମ ଓଡିଶାର କୃଷକଙ୍କୁ ପ୍ରଭାବିତ କରିବ ଏବଂ ସେମାନଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବଜେଟରେ ଅର୍ଥ ହ୍ରାସ ଯୋଗୁଁ କେନ୍ଦ୍ର ଏମ୍ଏସ୍ପିକୁ ୧.୫ ଗୁଣ ବୃଦ୍ଧି କରିବ ନାହିଁ ଏବଂ ଧାନର କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ କରିବା ପାଇଁ ଚାଷୀଙ୍କ ଦାବି ଅନୁଯାୟୀ ଓଡ଼ିଶା ବିଧାନସଭାରେ ପାରିତ ସର୍ବସମ୍ମତ ପ୍ରସ୍ତାବକୁ ମଧ୍ୟ ପୁଣିଥରେ ପ୍ରତ୍ୟାଖାନ କରିବ । ଯାହାଦ୍ୱାରା ଓଡିଶାର ଲକ୍ଷ ଲକ୍ଷ ଚାଷୀ ଦୁଃଖ ଏବଂ ଯନ୍ତ୍ରଣା ପାଇବେ । କେନ୍ଦ୍ର ମଧ୍ୟ ଓଡିଶାରୁ ଖାଦ୍ୟଶସ୍ୟ କ୍ରୟ ଲକ୍ଷ୍ୟକୁ ହ୍ରାସ କରିଛି । ଭାରତୀୟ ଖାଦ୍ୟ ନିଗମ (ଏଫ୍ସିଆଇ) ଦ୍ୱାରା ଓଡିଶାରୁ ବର୍ଷକୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଯାଉଥିବା ବେଳେ ବର୍ତ୍ତମାନ ୨୦୨୨-୨୩ ପାଇଁ କେନ୍ଦ୍ର ଏହାକୁ ୮୦% ହ୍ରାସ କରି ମାତ୍ର ୪ ଲକ୍ଷ ଟନ କରିଛି । କେବଳ ଓଡ଼ିଶାର ବରଗଡ ଜିଲ୍ଲା ୪ ଲକ୍ଷ ଟନ ଚାଉଳ ଉତ୍ପାଦନ କରେ, ବାକି ୨୯ଟି ଜିଲ୍ଲାର ଅବସ୍ଥା କ'ଣ ହେବ ? ସେହି ୨୯ଟି ଜିଲ୍ଲାର କୃଷକମାନେ କେଉଁଠାରେ ସେମାନଙ୍କର ଧାନ ବିକ୍ରି କରିବେ ? କେନ୍ଦ୍ର ଏହା ଉପରେ ସମ୍ପୂର୍ଣ୍ଣ ନିରବ ରହିଛି । କେନ୍ଦ୍ରର ଏଭଳି ଅନ୍ୟାୟ ଯୋଗୁଁ ପଶ୍ଚିମ ଓଡ଼ିଶାର କୃଷକମାନେ ଅଧିକ କ୍ଷତିଗ୍ରସ୍ତ ହେବେ । ପଶ୍ଚିମ ଓଡିଶାର ପାଂଚ ଜଣ ବିଜେପି ସାଂସଦ କ'ଣ କରୁଛନ୍ତି ସେମାନେ ୨୦୧୯ରେ ପଶ୍ଚିମ ଓଡିଶାର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ ମଧ୍ୟ ଧାନ କ୍ରୟ ପାଇଁ ସେମାନେ ପଶ୍ଚିମ ଓଡିଶାର କୃଷକଙ୍କ ସପକ୍ଷରେ ପଦୁଟିଏ ହେଲେ କହୁ ନାହାଁନ୍ତି । ୨୦୨୪ରେ ସେମାନେ ପୁଣି ଥରେ ସେହି ଭୋଟରଙ୍କୁ କିପରି ସାମ୍ନା କରିବେ, ଯେଉଁମାନେ ୨୦୧୯ରେ ସେମାନଙ୍କୁ ବିଶ୍ୱାସ କରିଥିଲେ ? ଧାନ କ୍ରୟ ସହ ପଶ୍ଚିମ ଓଡିଶାର କୃଷକଙ୍କ ସ୍ୱାର୍ଥ ପାଇଁ ପାଟି ନଖୋଲି ଓଡିଶାର କେନ୍ଦ୍ର ମନ୍ତ୍ରୀମାନେ କାହିଁକି ଚୁପ୍ ରହିଛନ୍ତି ? ପଶ୍ଚିମ ଓଡ଼ିଶାର କୃଷକ ଏବଂ ଭୋଟରମାନେ ଭବିଷ୍ୟତରେ ଓଡିଶା ବିଜେପିର କେନ୍ଦ୍ରୀୟ ମନ୍ତ୍ରୀ ଏବଂ ପଶ୍ଚିମ ଓଡିଶାର ବିଜେପି ସାଂସଦଙ୍କ ଏଭଳି ନିରବତା ଦେଖି ସେମାନଙ୍କୁ ଆଉ ବିଶ୍ୱାସ କରିବେ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି । ଆମେ ଦାବି କରୁଛୁ ଯେ ଓଡିଶା ଚାଷୀଙ୍କର ସ୍ୱାର୍ଥ ବିଶେଷକରି ପଶ୍ଚିମ ଓଡିଶା ଚାଷୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ବଳକା ଖାଦ୍ୟ ଶସ୍ୟକୁ ଧାନ କିଣା ପ୍ରକ୍ରିୟାରେ କେନ୍ଦ୍ର ସରକାର ଖରିଦ କରନ୍ତୁ ଏବଂ ଓଡିଶାର କୃଷକମାନେ କୌଣସି ସ୍ଥିତିରେ ଯେଭଳି ଏମ୍ଏସ୍ପିରୁ ବଂଚିତ ହେବେ ନାହିଁ ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ନବୀନ ସରକାର ନବ ଦାସଙ୍କ ହତ୍ୟାର ମାଷ୍ଟରମାଇଣ୍ଡକୁ ଖସାଇ ଦେବାକୁ ଅପଚେଷ୍ଟା କରୁଛନ୍ତି : ୟାସିର ନୱାଜ, ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର, ୭।୨(ପି.ଏନ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଙ୍କ ହତ୍ୟା ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କ ତଦନ୍ତ ସଂସ୍ଥା ପ୍ରତିଦିନ ନୂଆ କାହାଣୀ ଲେଖୁଛନ୍ତି । ନବୀନ ସରକାର ତଦନ୍ତକୁ ନେଇ ସାଧାରଣ ଜନତା ସନ୍ଦେହ ପ୍ରକଟ କଲେଣି । ଏହି ହତ୍ୟାକାଣ୍ଡକୁ ଲୁଚେଇ ଦେବାକୁ ଚକ୍ରାନ୍ତ ହେଉଛି ବୋଲି ସାଧାରଣ ଜନତା ଆଲୋଚନା କଲେଣି । ନବୀନ ସରକାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାର ମାଷ୍ଟର ମାଇଣ୍ଡକୁ ଖସାଇ ଦେବାକୁ ଅପଚେଷ୍ଟା କରୁଛନ୍ତି ବୋଲି ମଙ୍ଗଳବାର ଦିନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ୟାସିର ନୱାଜ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ପ୍ରଶ୍ନ ହେଉଛି ଝାରସୁଗୁଡ଼ା ଜିଲ୍ଲା ହସ୍ପିଟାଲର ଇ.ସି.ଜି. ରିପୋର୍ଟରେ ନବ ଦାସ ମୃତ ବୋଲି ଜଣାପଡ଼ିଲା ପରେ ତାଙ୍କୁ ଭୁବନେଶ୍ୱର ଆଣି ଆପୋଲୋ ହସ୍ପିଟାଲରେ କ'ଣ ପାଇଁ ଅସ୍ତ୍ରୋପଚାର କରଗଲା ? ଏଥିରେ ଘଟଣାଟି ଆହୁରି ରହସ୍ୟାବୃତ ହେଉଛି । ଝାରସୁଗୁଡ଼ା ଏୟାରପୋର୍ଟ ଥାନା ଲାଟ୍ରିନରେ ଗୋପାଳ ଦାସର ଚିଠି ଦୁଇଦିନ ପରେ ନଷ୍ଟ ନହୋଇ ତାଜା ରୂପରେ ବାହାରିବା ଏବଂ ଲାଟ୍ରିନକୁ ସଫା କରିଥିବା ଲୋକ କୌଣସି ଚିଠି ନ ବାହାରିବା କଥା ଗଣମାଧ୍ୟମରେ ପ୍ରକାଶ କରିବା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଛି । ଏହା ଜହ୍ନମାମୁ ଗପ ପରି ଲାଗୁଛି । ଗୋପାଳ ଦାସଙ୍କୁ କେତେବେଳେ ପୁରସ୍କାରପ୍ରାପ୍ତ, କେତେବେଳେ ମାନସିକ ବିକାରଗ୍ରସ୍ତ, କ'ଣ ଯେ କୁହାଯାଉଛି ତା'ର କିଛି ଠିକ୍ ଠିକଣା ରହୁନି । ଡି.ଜି. ମହାଶୟ ଯିଏକି ରାଜନୈତିକ ଦଳମାନେ ତାଚ୍ଛଲ୍ୟ କରିବା ପରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କଲେ ତାହା ବି ଆଲୋଚନାର ବିଷୟ ହୋଇଛି । ସେ ହାତ ଟେକି ଦେଇ କହୁଛନ୍ତି 'କେମିତି ହତ୍ୟା ହୋଇଛି ତାହା ଜଗନ୍ନାଥଙ୍କୁ ଜଣା' । ଏଥିରେ ପୋଲିସ୍ ବିଭାଗର ଅଯୋଗ୍ୟତାକୁ ଡିଜି ନିଜେ ମାନିଯାଉଛନ୍ତି । ପୋଲିସ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅଧିନ ଯାହାର ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଅଛନ୍ତି ଏବଂ ଏହା ୨୨ବର୍ଷ ଧରି ଏହା ଏକ ଅଚଳ ସଂସ୍ଥା ହୋଇପଡ଼ିଛି । ଝାରସୁଗୁଡ଼ା ଜିଲ୍ଲା ଏସ୍.ପି ସମ୍ପୃକ୍ତ ଏସ୍ଡ଼ିଜିପିଓ ଏବଂ ଇନିସ୍ପେକ୍ଟରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ତାଙ୍କୁ କେବଳ ବଦଳି କରିବା ଘଟଣା ଆଶ୍ଚର୍ଯ୍ୟଜନକ । ମୁଖ୍ୟକଥା ହେଉଛି ଯେଉଁ ଅଫିସରଙ୍କୁ କ୍ରାଇମବ୍ରାଂଚଅଁତଦନ୍ତ ଦିଆ ହୋଇଥିଲା, ତନ୍ମଧ୍ୟରୁ ଜଣେ ୨ଟି ହାଜତ ମୃତ୍ୟୁରେ ସମ୍ପୃକ୍ତ । ଆଉ ଜଣେ ମିଛ ଜାତି ପ୍ରମାଣ ପତ୍ର ଦେଇଥିଲେ । ଏହିସ୍ତରରେ ରଦିଆ ଅଫିସର ଏମାନେ । ଯାହା ନବୀନ ସରକାରରେ ଘଟୁଛି, ତାକୁ ଯଦି ଅନୁଶୀଳନ କରାଯାଏ ତବେ ଗୋପାଳ ଦାସର କେତେବେଳେ ମୃତ୍ୟୁ ହେବ ତାହା କହିହେବନି । କାରଣ ମମିତା ମେହେର ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ମାହାଙ୍ଗା ଡ଼ବଲ ମର୍ଡ଼ର ଘଟଣାର ମୁଖ୍ୟ ଆସାମୀ ପ୍ରଫୁଲ୍ଲ ବିଶ୍ୱାଳର ମୃତ୍ୟୁ ଆଜି ବି ରହସ୍ୟ ଘେରରେ ରହିଛି ।ଜଣେ କ୍ୟାବିନେଟ ସହଯୋଗୀର ହତ୍ୟା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏକ କ୍ୟାବିନେଟ ବୈଠକ ଡ଼କାଇ ତାଙ୍କର ଶୋକ କରିପାରିଲେନି । ଗୃହ ସଚିବ ଏ ରାଜ୍ୟରେ ଅଛନ୍ତି କି ନାହିଁ ତାହା ଜଣାପଡୁନି । ଗୃହ ରାଷ୍ଟ୍ରମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି ।ଶ୍ରୀ କାର୍ତିକେୟନ ପାଣ୍ଡିୟାନ ଯିଏକି ସ୍ୱଚ୍ଛ ଶାସନର ଆହ୍ୱାନ ଦେଉଛନ୍ତି, ବାସ୍ତବରେ ତାଙ୍କର ପୋଲିସ୍ ବିଭାଗ କେତେ ଅସ୍ୱଚ୍ଛ ତାହା ଜଣାପଡ଼ିଯାଉଛି । ସେ ନବୀନ ଶାସନକୁ ସ୍ୱଚ୍ଛ କରିବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣ ଜନତାଙ୍କ ଆଗରେ ସ୍ୱୀକାର କରନ୍ତୁ । ଅନ୍ୟ ପକ୍ଷରେ ଜଣେ ମହିଳା ଯିଏକି ନବ ଦାସଙ୍କ ମୃତ୍ୟୁରେ ମିଠା, ମଟନ ବାଂଟୁ ଥିଲେ, ତାଙ୍କୁ ବିଜେଡ଼ି ସଂଗଠନ ସମ୍ପାଦକ ଶ୍ରୀ ବବି ଦାସ ବିଜେଡ଼ି ଦଳୀୟ ଉତରୀୟ ଦେଇ ସମ୍ମାନ କରିଥିବା ଫଟୋ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ନବଦାସଙ୍କ ହତ୍ୟା ରହସ୍ୟମୟ ହୋଇପଡ଼ିଛି ।ସେ କହିଛନ୍ତି ଯେ ସବୁଠାରୁ ବଡ଼କଥା ହେଉଛି ବରିଷ୍ଠ ପୋଲିସ୍ ଅଫିସର ଅରୁଣ ବୋଥ୍ରା ଯିଏକି ଘଟଣାର ତଦନ୍ତଭାର ନେଇଛନ୍ତି, ସିଏ ନୂଆ କାହାଣୀ ଲେଖିବାରେ ସିଦ୍ଧହସ୍ତ । ସରକାରର ଦୋଷ ଓ ଅପରାଧକୁ କିପରି ଲୁଚେଇବାକୁ ପଡ଼ିବ ତାହା ତାଙ୍କୁ ଭଲ ଭାବରେ ଜଣା । ସୁତରାଂ ନବୀନ ସରକାର ଅପରାଧର ମାଷ୍ଟର ମାଇଣ୍ଡକୁ ଲୁଚେଇବା ପାଇଁ ଅପଚେଷ୍ଟା କରୁଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ଦାବି କରିଛି । କଂଗ୍ରେସ ଦଳର ଦାବୀ ଅନୁସାରେ ଛାତ୍ର କଂଗ୍ରେସ ମଧ୍ୟ ଘଟଣାର ହାଇକୋର୍ଟ ତତ୍ୱାବଧାନରେ ଏସି.ଆଇ.ଟି ତଦନ୍ତ ଦାବୀକରୁଛି ।

## ଗୋପ ମାଟି ତଳେ ଗ୍ୟାସ୍ ନା ତୈଳ ଅଛି ୨୨୭୫ ମିଟର ଖୋଳିବା ପରେ ସ୍ପଷ୍ଟ ହେବ



ଭୁବନେଶ୍ୱର,୭।୨(ପି.ଏନ): ରତ୍ନଗର୍ଭା ଓଡିଶାର ମାଟିତଳେ ତୈଳର ଥିବା ସନ୍ଧାନ ମିଳିଥିଲା । ତେବେ ୨୦୦୦ରୁ ୨୨୭୫ ମିଟର ଖନନ କରିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ । ମାଟି ତଳେ ଗ୍ୟାସ୍ ନା ତୈଳ ଅଛି, ତାହା ଜଣାପଡିବ । ମାତ୍ର ବର୍ତ୍ତମାନ କିଛି କହିହେବ ନାହିଁ ବୋଲି ଅଏଲ ଇଣ୍ଡିଆର ଏକଜିକ୍ୟୁଟିଭ୍ ଡିରେକ୍ଟର ଅଞ୍ଜନଜ୍ୟୋତି ଫୁକନ । ଖନନ ପାଇଁ ୩ ମାସ ସମୟ ନେବ ବୋଲି ସେ କହିଛନ୍ତି ।








## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲି ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି




ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

# ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ବନ୍ୟଜନ୍ତୁ ସଂରକ୍ଷଣ



ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ରବର୍ଣ୍ଣ ବନଭୂମିରେ ବନ୍ୟ ପଶୁପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ।



ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରୀସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାରପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହୋଇଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତବର୍ଷରେ ୧୦୪ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km2 ଓ ୫୬୬ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km2 ଅଟେ। ସମୟକ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏବଂ ୩୨ଟି ହାତୀ ସଂରକ୍ଷଣ ଅଭୟାରଣ୍ୟ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ (ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wild-life ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁରଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦଦେଶାଂଚଳ, ଓଡ଼ିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସ କରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ (ଆସାମ ନେପାଳ ସୀମା)ରେ ଚମରୀ ଗାଇ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।







ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନଗତ ପଦକ୍ଷେପ, ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇପାରିବ।

*"ମିଳିମିଶି କଲେ ପ୍ରାଣୀ ସୁରକ୍ଷା*
*ମନୁଷ୍ୟ ସମାଜ ହୋଇବ ରକ୍ଷା।"*

**—ଅକ୍ଷୟ କୁମାର ରାଉତ**
*ପଙ୍କପାଳ, ବର୍ଣ୍ଣିକୁନ୍ଦ, ଜଗତ୍‌ସିଂହପୁର,*
*ମୋ-୯୯୩୭୬୯୧୪୭୫*

# ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ




ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା



ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'



ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗ ଅତୁଳନୀୟ

ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେବା ଓ ତ୍ୟାଗ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଗତ ୯ ତାରିଖରେ ପଣ୍ଡିତଜୀଙ୍କ ଜନ୍ମଜୟନ୍ତୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବାବୁ ଯୋଗଦେଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ବାବୁ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରି ତାଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ । ତାଙ୍କ ସେବା, ତ୍ୟାଗ ଓ ସଂଘର୍ଷର କାହାଣୀକୁ ଅନୁଶୀଳନ କଲେ ସେ ଉତ୍କଳମଣି କାହିଁକି ଭାରତମଣି ପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଥିଲେ । ତେଣୁ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ନେତୃତ୍ୱ ବିକଶିତ ହେବା ସହିତ କଂଗ୍ରେସକୁ ସାଧାରଣ ଲୋକଙ୍କ ଆସ୍ଥାଭାଜନ କରାଇପାରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ସବୀର ହୁସେନ ଓ ରବି ରାୟ, ଜିଲ୍ଲା କଂଗ୍ରେସର ମୁଖପାତ୍ର ଆର୍‌ପି ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ଦିଲ୍ଲୀପ ଜେନା, ଗୀତା ସିଂହ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ସେକ ସମୀର, ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଜୀଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିବା ବେଳେ ଉପସଭାପତି କୀର୍ତ୍ତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଶ୍ୟାମସୁନ୍ଦର ସାମନ୍ତ, ବିବେକ ସାହୁ, ପ୍ରଦୀପ ବେହେରା, ଧର୍ମେନ୍ଦ୍ର ସିଂହ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ବିପିନ ଠାକୁର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ପୁରୁଣା ଗଳିପୋଲ କାନ୍ଥ ଭାଙ୍ଗୁନି ଠିକାସଂସ୍ଥା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାର ପୁରୁଣା ଗଳିପୋଲ କାନ୍ଥକୁ ଭାଙ୍ଗି ପାରୁନି ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା । ଫ୍ଲାଇ ଓଭର ସରିବାକୁ ବସିଲାଣି, ହେଲେ ପୁରୁଣା କାନ୍ଥ କେବେ ଭଙ୍ଗା ହେବ ଏହାର ଉତର କାହା ପାଖରୁ ମିଳୁନି । ତେବେ ଉକ୍ତ କାନ୍ଥ ଅତ୍ୟନ୍ତ ମଜବୁତ ହୋଇଥିବାରୁ ଠିକାସଂସ୍ଥା ଏହାକୁ କୁଆଡ଼େ ଭାଙ୍ଗି ପାରିଲା ନାହିଁ । ଏପରିକି ଏହା ଭଙ୍ଗାଯିବନାହିଁ ବୋଲି ନିଷ୍ପତି ହୋଇଥିବା ଚର୍ଚ୍ଚା ହେଉଛି । ନୂଆ କାନ୍ଥ ପାଖରେ ଅନ୍ୟ ଏକ ପୁରୁଣା ଭଙ୍ଗା କାନ୍ଥ ଥିବାରୁ ଏହା ଅସୁନ୍ଦର ଦେଖାଯାଉଛି । କାମ ସଂପୂର୍ଣ୍ଣ ହେବା ପୂର୍ବରୁ ପୁରୁଣା କାନ୍ଥକୁ ଭାଙ୍ଗିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏପଟେ ତିନିବର୍ଷ ହେଲା ଜାରକା ବଜାର ଅଞ୍ଚଳରେ ନା' ସରି ପାରୁଛି ଜାତୀୟ ରାଜପଥ ସଂପ୍ରସାରଣ, ନା' ଶେଷ ହେଉଛି ଫ୍ଲାଇ ଓଭର ନିର୍ମାଣ! ସେହିପରି ନିକଟରେ ଅନ୍ୟ ଏକ ଗଳିପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ହୋଇ ପଡ଼ିଛି । ଏହା ଖୋଲାଗଲେ ଅଞ୍ଚଳବାସୀ ଓ ବ୍ୟବସାୟୀମାନଙ୍କ ଯାତାୟାତରେ ସୁବିଧା ହେବା ସହିତ ବ୍ୟବସାୟ ବୃଦ୍ଧି ହୋଇପାରନ୍ତା ବୋଲି କୁହାଯାଉଛି । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ମୁଖ୍ୟ ରାସ୍ତା ବଦଳରେ ଦୁଇବର୍ଷ ହେଲା ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳପ୍ରଚଳ କରୁଛି । ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ। ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜପଥ ପାର ହେବା ବଡ଼ ସମସ୍ୟା ସୃଷ୍ଟି କରିଛି । ନିର୍ମାଣାଧୀନ ଫ୍ଲାଇ ଓଭର ନିକଟରେ ଠିକାସଂସ୍ଥା କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ମଧ୍ୟ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି । ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍‌ଠାରୁ ରଥିଆ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ମୃତ୍ୟୁଯନ୍ତା ପାଲଟିଛି । ସେହିପରି ଅଣଚଉଡ଼ା ଆପ୍ରୋଚ୍ ରୋଡ୍ ଏବେ ବସଷ୍ଟାଣ୍ଡ୍ ପାଲଟିଛି । ଦୁଇ ଲାଇନ୍‌ରେ ଗାଡ଼ି ଚାଲିଥିବାରୁ ଅପେକ୍ଷାରତ ବସ୍‌ଯାତ୍ରୀମାନଙ୍କୁ ଠିଆ ହେବାପାଇଁ ଜାଗା ଟିକେ ମିଳୁନାହିଁ । ଯାତ୍ରୀ ନେବା ପାଇଁ କିମ୍ବା ଓହ୍ଲାଇବା ପାଇଁ ବସ୍‌ଟିଏ ରାସ୍ତା ଉପରେ କିଛିକ୍ଷଣ ଛିଡ଼ା ହୋଇଗଲେ ସାଙ୍ଗେ ସାଙ୍ଗେ ପଛକୁ ପଛ ଗାଡିମୋଟରର ଲମ୍ବା ଲାଇନ୍ ଲାଗିଯାଉଛି । ଅସଂଖ୍ୟ ଗାଡିମୋଟର ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । କେଉଁଠି ବସ୍‌ଷ୍ଟାଣ୍ଡ ହେବ ତାହା ମଧ୍ୟ ନିଷ୍ପତି ହୋଇପାରିନାହିଁ । ବିଶ୍ରାମାଗାର କିମ୍ବା ପରିସ୍ରାଗାର ନଥିବାରୁ ମହିଳା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ରାଜପଥ ନିର୍ମାଣ ଓ ଜାରକା ଫ୍ଲାଇ ଓଭର କେବେ ସରିବ ଏବଂ ଏମିତି ବିପଦରେ ଲୋକେ କେତେଦିନ ଯାତାୟାତ କରୁଥିବେ, ଏହାକୁ ନେଇ ଅଞ୍ଚଳବାସୀ ସନ୍ଦିହାନ ଅଛନ୍ତି । ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।




# ପୂର୍ବତଟ ରେଳପଥ ଦ୍ୱାରା ରେକର୍ଡ ପଣ୍ୟ ବୋଝେଇ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷର (୨୦୨୨-୨୩ ଆର୍ଥିକ ବର୍ଷରେ) ମାତ୍ର ୩୧୦ ଦିନରେ ତଥା ଆର୍ଥିକ ବର୍ଷ ସମାପ୍ତ ହେବାର ୫୫ ଦିନ ପୂର୍ବରୁ ଏହାର ପରିସୀମା ମଧ୍ୟରୁ ୨୦୦.୪୩ ନିୟୁତ ଟନ୍ ପଣ୍ୟ ବୋଝେଇ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଛି । ଏହି ଆକଳନ ହାସଲ କରିବାକୁ ୨୦୨୧-୨୨ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୩୨୦ ଦିନ ସମୟ ନେଇଥିବାବେଳେ ୨୦୨୦-୨୧ ରେ ୩୬୦ ଦିନ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୩୬୬ ଦିନ ସମୟ ଲାଗିଥିଲା । ଏହି ସମୟ ମଧ୍ୟରେ ପଣ୍ୟ ବୋଝେଇରୁ ଆୟ ବାବଦରେ ପୂର୍ବତଟ ରେଳପଥ ୨୦୬୩୫ କୋଟି ଟଙ୍କା ଆୟ କରିଛି ଯାହା ଗତ ଆର୍ଥିକ ବର୍ଷର ୧୯୨୦୪ କୋଟି ଟଙ୍କା ତୁଳନାରେ ୭.୫% ବୃଦ୍ଧି ହୋଇଛି । ପାନ୍ୟ ବୋଝେଇ ଏବଂ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଏବଂ ପ୍ରତିକୂଳ ପ୍ରଭାବ ସତ୍ୱେ ପୂର୍ବତଟ ରେଳପଥ ଏହି ମାଇଲଖୁଂଟ ହାସଲ କରିଛି । ରେଳ ମନ୍ତ୍ରଣାଳୟର ଅଭିନବ ପଦକ୍ଷେପ ଏବଂ ପ୍ରମୁଖ ହସ୍ତକ୍ଷେପ ଉପରେ ଧ୍ୟାନ ଦେଇ ୨୦୦ ନିୟୁତ ଟନ ପାନ୍ୟ ବୋଝେଇକୁ ଅତିକ୍ରମ କରି ହାସଲ କରାଯାଇଛି ଯାହା ଏହାକୁ ଫାଷ୍ଟ-ଟ୍ରାକରେ ପହଂଚାଇବାରେ ସାହାଯ୍ୟ କରିଛି ।ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୧୨୬.୧୮ନିୟୁତ ଟନ କୋଇଲା, ୨୦.୨୨ ନିୟୁତ ଟନ ଲୁହାପଥର, ୧୮.୧୬ନିୟୁତ ଟନ ଅନ୍ୟାନ୍ୟ ସାମଗ୍ରୀ, ୧୫.୭୪ନିୟୁତ ଟନ ଫିନିସଡ୍ ଇସ୍ପାତ, ୬.୨୭ନିୟୁତ ଟନ ଇସ୍ପାତ କାରଖାନାକୁ କଂଚାମାଲ , ୫.୧୧ନିୟୁତ ଟନ ସାର, କଂଟେନେରରେ ୩.୧୭ନିୟୁତ ଟନ, ୨.୩୭ନିୟୁତ ଟନ ଖଣିଜ ତେଲ, ୨.୧୩ନିୟୁତ ଟନ ଖାଦ୍ୟ ଶସ୍ୟ ଏବଂ ୧.୦୯ନିୟୁତ ଟନ ସିମେଂଟ ପରିବହନ କରାଯାଇଅଛି । ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୧୨୯.୯୩ନିୟୁତ ଟନ ପାନ୍ୟ ପରିବହନ କରିଛି । ସେହିଭଳି ୱାଲଟିୟର ରେଳ ମଣ୍ଡଳ ୫୭.୦୩ନିୟୁତ ଟନ ଏବଂ ସମ୍ବଲପୁର ରେଳ ମଣ୍ଡଳ ଏହି ସମୟ ମଧ୍ୟରେ ୧୩.୪୭ନିୟୁତ ଟନ ମାଲ ପରିବହନ କରିଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଏହି ସଫଳତା ପାଇଁ ଏହାର ତିନିଟି ରେଳ ମଣ୍ଡଳ ଓ ପରିଶ୍ରମୀ ତଥା ଉତ୍ସର୍ଗୀକୃତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ଦେଇଛନ୍ତି । ଏହା ସହିତ ସେ ରେଳପଥର ସହଭାଗୀ କୋଲିୟାରୀ, ବନ୍ଦର, ଇସ୍ପାତ କାରଖାନା, ସିମେଂଟ, ଆଲୁମିନା ପ୍ଲାଂଟ, ପେଟ୍ରୋଲିୟମ କମ୍ପାନୀ ଏବଂ ଖାଦ୍ୟ ନିଗମ ସମେତ ସମସ୍ତ ହିତାଧିକାରୀଙ୍କ ଉଦ୍ୟମ ଏବଂ ସହଯୋଗ ଯୋଗୁଁ ଏହି ସଫଳତା ମିଳି ପାରିଛି ବୋଲି ଶ୍ରୀ ଶର୍ମା କହିଛନ୍ତି ।

# ୬ ଶିକ୍ଷକଙ୍କ ଦରମା ବନ୍ଦ କଲେ ଜିଲ୍ଲା ଶିକ୍ଷାଧିକାରୀ

ରାଉରକେଲା, (ପି.ଏନ): ସୁନ୍ଦରଗଡ ଜିଲ୍ଲା ଲହୁଣୀପଡା ବ୍ଲକ ଅଧିନସ୍ଥ ଭୁତୁଡା ବିଦ୍ୟାଳୟରେ କାର୍ଯ୍ୟରତ ୬ଜଣ ଶିକ୍ଷକ ଙ୍କ ମନମାନି ଓ କାର୍ଯ୍ୟରେ ଅବହେଳା ବିରୋଧରେ ବଣେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସଂପୃକ୍ତ ଶିକ୍ଷକମାନଙ୍କର ମାସକର ଦରମା ବନ୍ଦ କରିଥିବା ବେଳେ ,ସେହି ଅଂଚଳରେ ଥିବା ବିଦ୍ୟାଳୟ ଗୁଡିକୁ ଦେଖିବା ଦାୟିତ୍ୱରେ ଥିବା ବିଇଓ ଓ ଏବିଇଓମାନଙ୍କ ବିରୋଧରେ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନଜିବ ବୋଲି ସାଧାରଣରେ ଉଠିଛି ପ୍ରଶ୍ନ । ଏନେଇ ଡିଇଓ ସୁନ୍ଦରଗଡ କହିଛନ୍ତି ଯେ, ଏହି ବିଦ୍ୟାଳୟଟି ବ୍ଲକର ତଳିଅଂଚଳ ଓ ପାହାଡ ଉପରେ ରହିଛି,ମୋଟ ୯ଜଣ ଶିକ୍ଷକ ଏଠିକାମ କରନ୍ତି । ତେବେ ଏମାନଙ୍କ ଭିତରୁ ପ୍ରାଥମିକର ୫ଜଣ ଶିକ୍ଷକ ଓ ହାଇସ୍କୁଲର ଜଣେ ଶିକ୍ଷକ ନିୟମିତ କାର୍ଯ୍ୟରେ ଅବହେଳା ସାଙ୍ଗକୁ ମନମାନି ଚଳାଇଥିଲେ,ଏସଂପର୍କରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଆସିବାରୁ ସମସ୍ତ ତଥ୍ୟକୁ ଆଧାର କରି ସମସ୍ତଙ୍କର ଦରମା ବନ୍ଦ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ନିବ୍ୟବସ୍ଥା କରାଯାଇଛି । ଏହି ଖବର ପ୍ରଚାର ହେବା ପରେ କାମରେ ଠକୁଥିବା ଶିକ୍ଷକମାନଙ୍କ ଭିତରେ ଛନକା ପସିଥିବା ବେଳେ ଏହି ମାମଲାକୁ ଦେଖିବା ପରେ ଜିଲ୍ଲାରେ ଶିକ୍ଷାବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିବା ସହ ଲହୁଣୀପଡା ବିଇଓ ଓ ଏବିଇଓମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆନଜିବ ବୋଲି ଅବସର ପ୍ରାପ୍ତ ଶିକ୍ଷକ ଓ କିଛି ଶିକ୍ଷକ ନେତା ପ୍ରଶ୍ନ ଉଠାଇଛନ୍ତି । ସେମାନେ କହିଛନ୍ତି ସେ ଅଂଚଳ ଲାଗି ଏକ ବିଇଓ ଅଫିସ ରହିଛି । କେତେକ ଏବିଇଓ ଓ ଜଣେ ବିଇଓ ମଧ ରହିଛନ୍ତି । କିଛି ସିଆରସିସି ମଧ ରହିଛନ୍ତି । ଏହି ସବୁ ଅଧିକାରୀ ମାନେ ନିୟମିତ ସେ ସବୁ ଅଂଚଳର ବିଦ୍ୟାଳୟ ବୁଲି ପାଠ ପଢା ସାଙ୍ଗକୁ ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ଉପସ୍ଥିତିକୁ ଅନୁଧ୍ୟାନ କରିବା କଥା ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନର ଶୁଭାରମ୍ଭ କରାଯାଇଛି । ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, “ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।” ସାମସଙ୍ଗର ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: ‘ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ’ ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, “ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।” ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : “ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ’ଣ କରିବେ ?” ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷ୍ୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ ‘ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା’(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର ‘ଲେଟ୍‌ସ ପ୍ଲାନ’ ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ ‘ଲେଟ୍‌ସ ପ୍ଲାନ୍’ କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି । କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ’ କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, “ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ ‘ଟକ୍ ଟୁ ମିଷ୍ଟର ଏସଆଇପି’ ପରେ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’ ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । ‘ଲେଟ୍‌ସ ପ୍ଲାନ୍’ ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।” ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, ‘ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।”

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷ୍ୱ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, “ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ୱ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।” ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, “ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ରଙ୍ଗାପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ପଣ୍ଡାପଡା,(ପ.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ରଙ୍ଗାପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମଧୁରବର ମହାନ୍ତଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁକ୍ତ ୨ ପ୍ରଥମ ବର୍ଷର ପିଲାମାନେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ପିଲାମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମଧୁରବର ମହାନ୍ତ, ଗୌରହରି ନାଏକ, ଲେଡିଆଟେଣ୍ଡାଣ୍ଟ ଦମୟନ୍ତୀ ମହାନ୍ତ, ଚିନ୍ତାମଣି ମହାନ୍ତ ସହଯୋଗ କରିଥିବା ବେଳେ ଭରତ ନାଏକ, ଯୁଧିଷ୍ଠିର ନାଏକ, ମନୋଜ ନାଏକ, ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।




# ସନ୍ତାନ ସମସ୍ୟାକୁ ଦୂର କରିବ ଗର୍ଭାଶୟ ପ୍ରତିରୋପଣ



ଅନେକ ଦିନରୁ ବାନ୍ଧବୀ ରେଖାର ଫୋନ କଲ ପାଉନଥିଲି। ଜାଣିଛି ଦୀର୍ଘଦିନ ଘର ସଂସାର କରି ମଧ୍ୟ ତା କୋଳରେ ପିଲାଟି ନଥିବାରୁ ସେ ବଡ଼ ଚାକିରୀଟି କରି ମଧ୍ୟ ଭାରି ମନସ୍ତାପରେ ରହୁଛି। ତା'ସ୍ୱାମୀ ସୁବୋଧ ବାବୁ ଯେତେ ଦାମୀ ଚିକିତ୍ସା, ଠାକୁର, ମା'କାଳ ପୂଜା କରି ମଧ୍ୟ କୋଳଟି ଖାଲିଥିବାରୁ ଦୁଇଜଣଙ୍କ ମନ ଦୁଃଖ। ସେ ଦିନ ଓଟି ଥିବାରୁ ମୁଁ ଭାରି ତରତର ଥିବାବେଳେ ରେଖାର ଫୋନଟି ପାଇଲି। ତା' ଫୋନରୁ ମୁଁ ଯାହା ଆଶା କରୁଥିଲି ତାହା ହିଁ ଶୁଣିଲି। ପିଲାଟିଏ ନପାଇ ତା ମାନସିକ ଦୁଃଖ ବୁଝି ତାକୁ ଆମ ସ୍ତ୍ରୀ ଓ ପ୍ରସୂତୀ ରୋଗ ସମ୍ବନ୍ଧୀୟ ସର୍ବଶେଷ ସନ୍ତାନ ସମସ୍ୟାଜନିତ ଚିକିତ୍ସା ବିଜ୍ଞାନର କଥା ଜଣାଇଲି। ଗର୍ଭାଶୟ ନଥାଇ ବି ମହିଳାମାନେ ସେମାନଙ୍କ ଗର୍ଭରେ ସନ୍ତାନଙ୍କୁ ଧରିପାରିବେ ଏବଂ ଏହା ସମ୍ଭବ ହୋଇପାରିବ ଗର୍ଭାଶୟ ପ୍ରତିରୋପଣ ଦ୍ୱାରା। ସାରା ବିଶ୍ୱରେ ଏହି ଆଡ୍‌ଭାନ୍ସ ଟେକ୍ନୋଲୋଜି ଦ୍ୱାରା ଗର୍ଭାଶୟ ନଥାଇ ଜନ୍ମ ହୋଇଥିବା ମହିଳାମାନଙ୍କ ପାଇଁ କିମ୍ବା କୌଣସି ରୋଗ ହେତୁ ଗର୍ଭାଶୟ ହରାଇଦେଇଥିବା ମହିଳାମାନଙ୍କ ପାଇଁ ଗର୍ଭାଶୟ ପ୍ରତିରୋପଣ ଏକ ନୂଆ ମାଧ୍ୟମ ରୂପେ ଉଭା ହୋଇଛି। ରିପ୍ରଡକ୍ଟିଭ ମେଡ଼ିସିନ ମଧ୍ୟ ଉପଲବ୍ଧ ହେଉଛି। ମେଡ଼ିକାଲ କାଉନସିଲ ଅଫ୍ ଇଣ୍ଡିଆ ଗୋଥେନବର୍ଗ ୟୁନିଭର୍ସିଟିର ଗାଇନୋକୋଲୋଜି ଏବଂ ଅବଷ୍ଟେଟ୍ରିକ୍ସ ପ୍ରଫେସର ଡକ୍ଟର ମ୍ୟାଟ୍ସ ବ୍ରାନ୍‌ଷ୍ଟ୍ରନ୍‌ଙ୍କୁ ଭାରତରେ ଏହି ପ୍ରୋସିଜିଓର ପରିଚାଳନା କରିବା ପାଇଁ ଅସ୍ଥାୟୀ ଭାବେ ପଞ୍ଜୀକୃତ କରାଇଛି। ବ୍ରାନ୍‌ଷ୍ଟନ୍ ୨୦୧୪ ଅକ୍ଟୋବରରେ ଏକ ଅପରେସନ ପରିଚାଳନା କରିଥିଲେ ଯେଉଁଥିରେ ପ୍ରଥମଥର ପାଇଁ ଜଣେ ୟୁଟେରାଇନ୍ ଟ୍ରାନ୍ସପ୍ଲାଣ୍ଟ ରେସିପିଏଣ୍ଟ ବା ଗର୍ଭାଶୟ ପ୍ରତିରୋପଣ କରିଥିବା ମହିଳାଙ୍କ ଠାରୁ ଏକ ସୁସ୍ଥ ଶିଶୁ ଜନ୍ମ ହୋଇଥିଲା। ତା'ପରେ ସେ ବେଙ୍ଗାଲୁରର ଫର୍ଟିଲିଟି ସେଣ୍ଟର ମିଲନ ଏବଂ ଏଥିସହ ଏଚ୍‌ସିଜି ହସପିଟାଲ ସହ ମିଶି ଏହି ୟୁଟେରସ ଟ୍ରାନ୍ସପ୍ଲାଣ୍ଟେସେନ ଟେକ୍ନୋଲୋଜି ଭାରତକୁ ଆଣିବାକୁ ଚାହିଁଛନ୍ତି। କିନ୍ତୁ ଏହି ପ୍ରକ୍ରିୟା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଚାରାଧୀନ ହୋଇ ରହିଛି। ଡକ୍ଟର ବ୍ରାନ୍‌ଷ୍ଟନ ସ୍ୱିଡ଼େନରେ ତାଙ୍କ କାର୍ଯ୍ୟର ଫଳାଫଳ ଏବଂ ଟେକନିକ୍ ବାବଦରେ ଭାରତର ଚିକିତ୍ସକମାନଙ୍କୁ ଜଣାଇବା ପାଇଁ ଭାରତରେ ଦୁଇଟି କନ୍‌ଫରେନ୍ସ କରିସାରିଛନ୍ତି। ୧୫ଜଣ ରୋଗୀ ଏହି ପ୍ରୋସିଜିଓରରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି।

୫୦୦୦ ମହିଳାରେ ଜଣେ ଏମ୍‌ଆର୍‌ଏଚ୍‌କେ ସିଣ୍ଡ୍ରୋମ୍ ନାମକ ଏକ ଜେନେଟିକ କଣ୍ଡିସନରେ ପୀଡ଼ିତ। ଏହି କଣ୍ଡିସନରେ ଜଣେ ମହିଳା ଗର୍ଭାଶୟ ନଥାଇ ଜନ୍ମ ହୋଇଥାନ୍ତି। ତେବେ ଗର୍ଭାଶୟ ପ୍ରତିରୋପଣ ଏଭଳି ସ୍ଥିତିରେ ପୀଡ଼ିତ ଥିବା ରୋଗୀ ମାନଙ୍କ ପାଇଁ ନୂଆ ଆଶା ରୂପେ ଉଦ୍ରେକ ହୋଇଛି। ଗର୍ଭାଶୟ ସଂକ୍ରାନ୍ତ ଅନ୍ୟାନ୍ୟ ସମସ୍ୟା ଥିବା ମହିଳାଙ୍କୁ ମଧ୍ୟ ଏହି ପ୍ରୋସିଜିଓର ଖୁବ୍ ସାହାଯ୍ୟ କରିବ। ଇନ୍‌ଫର୍ଟିଲିଟି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲେ ବି ଏହାର ଚିକିତ୍ସା କରିବା ଏବେ ସହଜ ହୋଇପାରିଛି। ବିଜ୍ଞାନ ଏବେ ବହୁ ଆଗକୁ ଯାଇଛି। ତେଣୁ କୌଣସି ଜିନିଷ ଅସମ୍ଭବ ନୁହେଁ। ଭାରତରେ ୨୦୦୧, ୧୯୯୧, ୧୯୮୧ ଜନଗଣନା ରିପୋର୍ଟକୁ ଆଧାର କରି ଆଇଆଇପିଏସ୍ ଗବେଷକମାନେ ଜାଣିପାରିଛନ୍ତି ଯେ ଭାରତରେ ସନ୍ତାନହୀନତା ୧୯୮୧ ପରଠାରୁ ୫୦ ପ୍ରତିଶତ ବୃଦ୍ଧି ହୋଇଛି। ପାଞ୍ଚଜଣରେ ଜଣେ ଦମ୍ପତି ଏବେ ସନ୍ତାନହୀନ। ସେମାନଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗୁଛି। ୧୯୮୧ ମସିହା ପରଠାରୁ ଭାରତର ସହରାଞ୍ଚଳରେ ଇନଫର୍ଟିଲିଟି ସମସ୍ୟା ୫୦ ପ୍ରତିଶତ ବୃଦ୍ଧି ହୋଇଛି। ତାମିଲନାଡୁରେ ଏହା ଅଧିକ ବୃଦ୍ଧି ପାଉଥିବା ଦେଖାଯାଏ। ଦେଶର ଅନ୍ୟାନ୍ୟ ରାଜ୍ୟ ଯଥା ଓଡ଼ିଶା ଏବଂ ବିହାର ତୁଳନାରେ ତାମିଲନାଡୁରେ ଇନଫର୍ଟିଲିଟି ସଂଖ୍ୟା ଅଧିକ। ଏଠାକାର ଲୋକମାନେ ଅଧିକ ସମୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଶାରୀରିକ ଅସନ୍ତୁଳନ ଘଟି ଏମିତି ସମସ୍ୟା ଉପୁଜିଥାଏ। ସାକ୍ଷରତା ହାର ବୃଦ୍ଧି ପାଉଥିବା ହେତୁ ଲୋକମାନେ ଅଧିକ ଆଶାବାଦୀ ହୋଇପଡୁଛନ୍ତି ଏବଂ ଅଧିକାଂଶ ସମୟ କେବଳ କାମରେ ହିଁ ବ୍ୟସ୍ତ ରହୁଛନ୍ତି। ଫଳରେ ଶାରୀରିକ ଅସନ୍ତୁଳନ ଘଟି ଓଭୁଲେସନ ଡିଜଅର୍ଡ଼ର ଇନଫର୍ଟିଲିଟିର କାରଣ ହେଉଛି। ଆଜିକାଲି ଭାରତୀୟ ଜନସଂଖ୍ୟାର ପାଖାପାଖି ୧୫ ପ୍ରତିଶତ ଉଭୟ ପୁରୁଷ ଏବଂ ମହିଳା ଇନଫର୍ଟାଇଲ। ସାଧାରଣରେ ମେଲ୍ ଇନଫର୍ଟିଲିଟି ବୃଦ୍ଧି ପାଉଥିବାବେଳେ ଏହାକୁ କିନ୍ତୁ ଆଡ଼େଇଦେଇ ହେବନି ଯେ, ଉଭୟ ପୁରୁଷ ଏବଂ ମହିଳା ଏବେ ସେମାନଙ୍କ ଓ୍ୱର୍କିଂ ଷ୍ଟାଇଲ ପାଇଁ ଅଧିକ ଇନ୍‌ଫର୍ଟିଲିଟିର ଶିକାର ହେଉଛନ୍ତି। ସରକାରୀ ସୂତ୍ରରୁ ଜଣାଯାଇଛି ଯେ, ୧୯୮୦ ଦଶକରେ ମେଲ ଇନଫର୍ଟିଲିଟି ୪୦ ପ୍ରତିଶତ ଥିବାବେଳେ ଏବେ ଏହା ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାଯାଇଛି ଯେ କୃଷି କ୍ଷେତ୍ରରେ ପେଷ୍ଟିସାଇଡର ଅତ୍ୟଧିକ ବ୍ୟବହାର ଫଳରେ ମେଲ୍ ଇନଫର୍ଟିଲିଟି ସଂଖ୍ୟା ବେଶୀ ବୃଦ୍ଧି ପାଇଛି। ଅତ୍ୟଧିକ ଚାପରେ ରହୁଥିବା ମହିଳାଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥାଏ। ଏଥିସହିତ ବିଳମ୍ବିତ ବିବାହ ମଧ୍ୟ ଏହାର ଅନ୍ୟ ଏକ କାରଣ। ତେଣୁ ଚିକିତ୍ସକମାନେ କହୁଛନ୍ତି ଯଦି ମେନ୍‌ଷ୍ଟ୍ରୁଆଲ ସାଇକେଲ ବା ମାସିକ ଋତୁଚକ୍ରରେ କୌଣସି ପରିବର୍ତ୍ତନ ଦେଖାଦେଉଛି ତେବେ ତୁରନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଉଚିତ। କାରଣ ଆରମ୍ଭରୁ ଚିକିତ୍ସାରେ ରହିଲେ ଇନଫର୍ଟିଲିଟି ସମସ୍ୟା କମିଯିବ। ତେବେ ଖୁସିର କଥା ହେଉଛି ଅତ୍ୟାଧୁନିକ ଟେକନୋଲୋଜିର ପ୍ରୟୋଗ ଦ୍ୱାରା ଇନଫର୍ଟିଲିଟି ଚିକିତ୍ସାରେ ୭୦ ପ୍ରତିଶତ ସଫଳତା ମିଳିପାରିଛି। ତେଣୁ ସନ୍ତାନ ସମସ୍ୟାକୁ ନେଇ କୋଳ ଖାଲିଥିବା ମାଆ ମାନଙ୍କ ପାଇଁ ଖୁସିର ସମୟ ପହଞ୍ଚି ସାରିଛି।

**ଡାକ୍ତର ଶୁଭଶ୍ରୀ ମିଶ୍ର**, ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୮୬୧୪୬୩୪୦୬

## ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମାରୋହ



ଭୁବନେଶ୍ୱର (ପିଏନ୍– ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର କିମ୍ବଦନ୍ତୀ ପୁରୁଷ, ଶିକ୍ଷାବିତ୍ ତଥା ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କର ୫୨ତମ ସ୍ମୃତି ସମାରୋହ ଗତ ୫ ତାରିଖ ଦିନ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠ ନେତା କମ୍ରେଡ଼ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି ଓ ଭୁବନେଶ୍ୱର ଅଞ୍ଚଳ କମିଟିର ସମ୍ପାଦକ ସୁର ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କମ୍ରେଡ଼ ପ୍ରାଣନାଥ ପଟ୍ଟନାୟକଙ୍କ ବିପ୍ଳବୀ ଓ ସଂଗ୍ରାମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଭାରତବର୍ଷରେ ସାମ୍ପ୍ରଦାୟିକ ଫାସୀବାଦୀ ମତାଦର୍ଶରେ ବିଶ୍ୱାସ କରୁଥିବା ଶକ୍ତିମାନେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବିପନ୍ନ କରିଚାଲିଥିବାବେଳେ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇ ସଂଗ୍ରାମ ଚଳାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପାଇକରାୟ, ଜୟନ୍ତ ଦାସ, ଲୋକନାଥ ଭୋଇ, କୈଳାସ ପୁହାଣ, ଶରତ ସ୍ୱାଇଁ, ଶଙ୍କର ବାରିକ ଓ ଛେତମ୍ବର ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରୟାତ ନେତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ।

# ଗଡ଼ଜାତ ଅମଳର ଏକ ବୀଭତ୍ସ କାହାଣୀ !



୧୮୦୩ ମସିହାରେ ଇଂରେଜମାନେ ମରହଟ୍ଟା ମାନଙ୍କୁ ପରାସ୍ତ କରି ଓଡ଼ିଶା ଶାସନ ଭାର ଗ୍ରହଣ କରିଥିଲେ। ସେତେବେଳେ ଓଡ଼ିଶା କହିଲେ, ମୋଗଲବନ୍ଦୀ ଓ ଗଡ଼ଜାତ ଅଞ୍ଚଳକୁ ବୁଝାଉଥିଲା। ମୋଗଲବନ୍ଦୀ ଅଞ୍ଚଳ ଇଂରେଜମାନଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଥିଲା। ଏହି ଅଞ୍ଚଳରେ ଥିଲା ମାତ୍ର ୩ଟି ଜିଲ୍ଲା କଟକ, ପୁରୀ ଓ ବାଲେଶ୍ୱର। ଏହା ବାହାରେ ୧୭ଟି ଗଡ଼ଜାତ ଅଞ୍ଚଳ ଭିନ୍ନଭିନ୍ନ ରାଜା ମହାରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। ରାଜ୍ୟ ଶାସନ ସେମାନଙ୍କର ସଂପୂର୍ଣ୍ଣ ଅଧିକାର ଥିଲେ ହେଁ ସେମାନଙ୍କୁ ତଦାରଖ ପାଇଁ ଇଂରେଜମାନେ ପଲିଟିକାଲ୍ ଏଜେଣ୍ଟ୍ ରଖିଥିଲେ। ସମସ୍ତ ଦେଶୀୟ ରାଜାଙ୍କର ମୁଖ୍ୟ ଥିଲେ ସୁପରିଟେଣ୍ଡେଣ୍ଟ ଅଫ୍ ଟ୍ରିବ୍ୟୁଟରୀ (ମାହାଲ୍)। ସେ କଟକରେ ଅବସ୍ଥାନ କରୁଥିଲେ। ଗଡ଼ଜାତ ରାଜାମାନଙ୍କର ପ୍ରଜା ପୀଡ଼ନ ଓ ବିଭିନ୍ନ ବେଆଇନ୍ କାର୍ଯ୍ୟ ଉପରେ ଇଂରେଜମାନେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ପ୍ରଜାଙ୍କର ସରଳତା ଓ ଅଜ୍ଞତାର ସୁଯୋଗ ନେଇ କେତେକ ଗଡ଼ଜାତ ରାଜା ସେମାନଙ୍କ ଉପରେ ମନଇଚ୍ଛା ଅତ୍ୟାଚାର କରୁଥିଲେ। ସେସବୁ ଏବେ କାହାଣୀ ଓ କିମ୍ବଦନ୍ତୀ ଆକାରରେ ବଞ୍ଚି ରହିଛି। ଢେଙ୍କାନାଳର ଜତନନଗରର କାହାଣୀ, କେନ୍ଦୁଝରଗଡ଼ର ମାଛକାନ୍ଦଣା ଜୋର ଓ ତାଳଚେରର ପ୍ରଜା ପୀଡ଼ନ କଥା ଇତିହାସରେ ଲିପିବଦ୍ଧ ରହିଛି। ଏହି ଗଡ଼ଜାତ ରାଜ୍ୟ ଗୁଡ଼ିକ ମଧ୍ୟରେ ବାଙ୍କି ଥିଲା ଅନ୍ୟତମ। ରାଜ୍ୟ ମୁଖ୍ୟ ଦପ୍ତର କଟକ ଠାରୁ ମାତ୍ର ୩୦ମାଇଲ୍ ଦକ୍ଷିଣ-ପଶ୍ଚିମ ଦିଗରେ ମହାନଦୀ କୂଳରେ ୭୫୦ ବର୍ଗ ମାଇଲ୍ ବ୍ୟାପୀ ବାଙ୍କି ରାଜ୍ୟ ରହିଥିଲା। ଏହାର ଅଧିଷ୍ଠାତ୍ରୀ ଦେବୀ ଥିଲେ ମା' ଚର୍ଚ୍ଚିକା। ମହାନଦୀ କୂଳର ଉର୍ବର ଜମି ଓ ବ୍ୟବସାୟିକ ସୁବିଧା ଯୋଗୁ ଲୋକମାନେ ଅପେକ୍ଷାକୃତ ସ୍ୱଚ୍ଛଳ ଥିଲେ। ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳେ ଏହାର ଶାସକ ଥିଲେ ବ୍ରଜ ବିହାରୀ ଶ୍ରୀଚନ୍ଦନ(୧୭୭୯-୧୮୧୩)। ତାଙ୍କର ମୃତ୍ୟୁ ପରେ ପୁତ୍ର ପିତାମ୍ବର ଶ୍ରୀ ଚନ୍ଦନ ରାଜା ହେଲେ। ୧୮୧୮ରେ ତାଙ୍କର ମୃତ୍ୟୁ ହେଲା। ସେ ଅପୁତ୍ରିକ ଥିବାରୁ ରାଜ୍ୟର ମୁଖିଆମାନେ ଡ଼ମପଡ଼ା କିଲ୍ଲାର ଜଣେ କ୍ଷତ୍ରିୟ ଯୁବକକୁ ଆଣି ରାଜଗାଦିରେ ବସାଇଲେ। ଏହି ଯୁବକ ଜଗନ୍ନାଥ ଶ୍ରୀଚନ୍ଦନ ନାମ ଧାରଣ କରି ରାଜତ୍ୱ କରିବାକୁ ଲାଗିଲେ। ମାତ୍ର ବଳଭଦ୍ର ଭ୍ରମରବର ନାମକ ଜଣେ ଯୁବକ ସ୍ୱର୍ଗତ ରାଜାଙ୍କର ରକ୍ଷିତା ଫୁଲବାଈର ସନ୍ତାନ ବୋଲି ଦାବି କରି ନିଜେ ରାଜା ହେବାକୁ ଦାବି କଲେ ଓ ଇଂରେଜ ମାନଙ୍କୁ ଦରଖାସ୍ତ କଲେ। ହେଲେ ପ୍ରମାଣ ଦେଇ ନପାରିବାରୁ ତାଙ୍କର ଆବେଦନ ଖାରଜ ହୋଇଗଲା। ବିଫଳ ହୋଇ ବଳଭଦ୍ର ପ୍ରଜାମାନଙ୍କୁ ମତାଇ ରାଜ୍ୟରେ ଅଶାନ୍ତି ସୃଷ୍ଟି କଲେ। ବାଙ୍କି ରାଜା ମଧ୍ୟ ଏହା ମଧ୍ୟରେ ପ୍ରଜାପୀଡ଼କ ଓ ନିଷ୍ଠୁର ହୋଇଗଲେ।

ତାଙ୍କର କୁଶାସନକୁ ପ୍ରତିବାଦ୍ କରି ବାଙ୍କି କୁଣ୍ଡଳପୁର ଅଞ୍ଚଳର ୭ଶହ ରୟତ ମାଧବ ସାମନ୍ତସିଂହାର ଓ ଲୋକନାଥ ମହନ୍ତଙ୍କ ନେତୃତ୍ୱରେ କଟକ ଯାଇ କମିସନ୍ ହେନେରୀ ରିକେଷ୍ଟଙ୍କୁ ବାଙ୍କି ରାଜାଙ୍କ ବିରୁଦ୍ଧରେ ଦାବିପତ୍ର ଦେଲେ। କମିସନ୍ ତତ୍‌କ୍ଷଣାତ୍ ତଦନ୍ତ ନିର୍ଦ୍ଦେଶ ଦେଲେ। ଏହା ମଧ୍ୟରେ ବାଙ୍କି ରାଜା ଲୋକଙ୍କୁ ବୁଝାଇବା ପାଇଁ ନିଜର ରାଜଗୁରୁ ରଘୁନାଥ ପରମଗୁରୁ ଓ ତାଙ୍କ ପୁତ୍ର ଗଙ୍ଗାଧର ମହାପାତ୍ରଙ୍କୁ ସେହି ଅଞ୍ଚଳକୁ ପଠାଇଲେ। ତାଙ୍କୁ ମଧ୍ୟ କୁଣ୍ଡଳପୁର ଅଞ୍ଚଳରସର୍ବରାକାର ରୂପେ ନିଯୁକ୍ତି ଦେଲେ। ରାଜଗୁରୁଙ୍କର ଲୋକଙ୍କ ଉପରେ ପ୍ରଭାବ ଥିଲା। ହେଲେ କେତେକ ଖଳ ପ୍ରକୃତିର ଲୋକେ ରାଜାଙ୍କୁ କହିଲେ ଯେ, ଲୋକଙ୍କୁ ବୁଝାଇବା ପରିବର୍ତ୍ତେ ରାଜଗୁରୁ ଓ ତାଙ୍କର ବନ୍ଧୁ ଆନନ୍ଦ ମହାପାତ୍ର ଏହି ମେଳିକୁ ପଛରୁ ଇନ୍ଧନ ଯୋଗାଉଛନ୍ତି। କଥାରେ ଅଛି, ରାଜା ଗୋଜା। କିଛି ବିଚାର ନକରି ରାଜଗୁରୁ, ତାଙ୍କର ପୁତ୍ର ଓ ବନ୍ଧୁଙ୍କୁ ଧରି ଆଣିବାକୁ ରାଜା ଆଦେଶ ଦେଲେ। ଆନନ୍ଦ ମହାପାତ୍ର ରାଜାଙ୍କୁ ଘୋଡ଼ା ଯୋଗାଇବାରେ ତାଙ୍କୁ ଠକିଥିବା ଅଭିଯୋଗ ହେଲା। ଅନ୍ୟ ଦୁଇଜଣଙ୍କ ବିରୁଦ୍ଧରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ନଥିଲା। ଘୋର ଜଙ୍ଗଲକୁ ନିଆଯାଇ ସେମାନଙ୍କ ହାତଗୋଡ଼ ବାନ୍ଧି ପକାଇ ଦିଆଗଲା। ସେମାନଙ୍କୁ ବଣଜନ୍ତୁ ଖାଇଯିବେ ବୋଲି ରାଜାଙ୍କର ବିଶ୍ୱାସ ଥିଲା। ବଣଜନ୍ତୁ ନଖାଇବାରୁ ରାଜା ପାଇକଙ୍କ ଦ୍ୱାରା ସେମାନଙ୍କୁ ମାରିବାକୁ ଆଦେଶ ଦେଲେ। କିନ୍ତୁ ପାଇକମାନେ ରାଜି ନହେବାରୁ ୧୮୩୯ ଜାନୁୟାରୀ ୧୪ରେ ଜଣେ ମୁଖିଆ ବଳଭଦ୍ର ରାଉତଙ୍କୁ ଏହି ଆଦେଶ କାର୍ଯ୍ୟକାରୀ କରିବାକୁ ରାଜା ନିର୍ଦ୍ଦେଶ ଦେଲେ। ବଳଭଦ୍ର ସେଦିନ ରାତିରେ ସେହି ୩ଜଣଙ୍କୁ ମାରି ପୋଡ଼ି ଦେଲା ଓ ପାଉଁସକୁ ଏଣେତେଣେ ବିଞ୍ଚିଦେଲା। ଏହାପରେ ମଧ୍ୟ ରାଜାଙ୍କର ମନ ଶାନ୍ତ ହେଲାନାହିଁ। ସେତେବେଳେ ରାଜଗୁରୁଙ୍କ ଘରେ ଆଉ ୭ଜଣ ବାସ କରୁଥିଲେ। ସେମାନେ ହେଲେ ତାଙ୍କର ସ୍ତ୍ରୀ, ବିବାହିତା ଝିଅ ଓ ଜ୍ୱାଇଁ, ଝିଅର ଶାଶୂ, ଶାଳୀ, ଶାଳୀର ପୁଅ। ରାଜାଙ୍କର ଆଦେଶରେ ରାତିରେ ଏମାନଙ୍କୁ ବାନ୍ଧି ଜଙ୍ଗଲକୁ ନିଆଗଲା। ବିଭିନ୍ନ ସ୍ଥାନରେ ଜଣଜଣଙ୍କୁ ମାରି ପୋଡ଼ି ଦିଆଗଲା। ଏହାସହ ରାଜଗୁରୁଙ୍କର ଘରକୁ ମଧ୍ୟ ନିଆଁ ଲଗାଇ ପୋଡ଼ି ଦିଆଗଲା।

ଏଭଳି ଦୁଃଖଦ ଘଟଣା ବାଙ୍କି ଅଞ୍ଚଳରେ ଘୋର ଚାଞ୍ଚଲ୍ୟ ସୃଷ୍ଟି କଲା। ଲୋକମାନେ ରାଜଗୁରୁଙ୍କ ପାଇଁ କାନ୍ଦିଲେ। ଗୀତ ଲେଖାହୋଇ ରାସ୍ତାଘାଟରେ ବୋଲାଗଲା। ରାଜାଙ୍କ ଭୟରେ କେହିକିଛି କହିଲେନାହିଁ। ଶେଷରେ ୧୮୩୯ ଜାନୁୟାରୀ ୨୩ରେ ଆନନ୍ଦ ମହାପାତ୍ରଙ୍କ ଭାଇ ଜୟଦେବ ମହାପାତ୍ର କଟକ ଯାଇ ଭାରପ୍ରାପ୍ତ କମିସନର ଏଜେଏମ୍ ମିଲ୍‌ସଙ୍କୁ ଏହି ନାରକୀୟ ଘଟଣା ସଂପର୍କରେ ଲିଖିତ ଭାବେ ଜଣାଇଲେ। କମିସନର ସଙ୍ଗେସଙ୍ଗେ ତଦନ୍ତ ନିର୍ଦ୍ଦେଶ ଦେଲେ। ରାଜାଙ୍କୁ ଏହି କାର୍ଯ୍ୟ ବିଷୟରେ କୈଫିୟତ୍ ମଗାଗଲା। ଏହି ଲୋକମାନେ ବିଭିନ୍ନ ରୋଗରେ ମରିଛନ୍ତି ବୋଲି ରାଜା ସଫେଇ ଦେଲେ। ମାତ୍ର କମିସନର କିଛି ଶୁଣିଲେ ନାହିଁ। ତଦନ୍ତ ବେଳେ ଜଙ୍ଗଲରୁ ମୃତକ ମାନଙ୍କର ହାଡ଼, ପାଉଁସ, ପୋଷାକ, କେଶ, ରକ୍ତଛିଟା ଓ ଖଣ୍ଡା ଶାଣ କରିଥିବା ପଥର ମାନ ମିଳିଲା। ସଙ୍ଗେସଙ୍ଗେ କମିସନ୍ ରାଜାଙ୍କୁ କାର୍ଯ୍ୟ ଛାଡ଼ି କଟକ ଯିବାକୁ ନିର୍ଦ୍ଦେଶ ଦେଲେ। କଟକରେ ତାଙ୍କୁ ନଜର ବନ୍ଦୀରେ ରଖାଗଲା। ସେହି ରାଜ୍ୟକୁ କମିସନ୍‌ଙ୍କ ପ୍ରତ୍ୟକ୍ଷ ଶାସନକୁ ଅଣାଗଲା। ବହୁ ଅନୁସନ୍ଧାନ ପରେ ରାମେଶ୍ୱର ସିଂହ ନାମକ ଜଣେ ପାଇକ ସବୁକଥା ଖୋଲି କହିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ୍ କରାଗଲା। ୧୮୪୦ଜାନୁୟାରୀ ୨ରେ ଏଜେଏମ୍ ମିଲ୍‌ସ ବିଚାର ଆରମ୍ଭ କଲେ। ମିଲ୍‌ସ ୯ଦିନ ଧରି ବିଭିନ୍ନ ସାକ୍ଷୀଙ୍କ ବୟାନ ଶୁଣିଲେ। ପାଇକମାନେ ରାଜାଙ୍କ ଆଦେଶ ପାଳନ କରିଛନ୍ତି ବୋଲି କହି କ୍ଷମା ମାଗିଲେ। ହେଲେ ବିଚାରପତି କିଛି ଶୁଣିଲେ ନାହିଁ। ସେମାନଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରାଗଲା। ରାଜାଙ୍କୁ କଟକର ଗୋଟିଏ ଘରେ ସାରା ଜୀବନ ପାଇଁ ବନ୍ଦୀରେ ରଖାଗଲା। ୧୮୪୦ ଏପ୍ରିଲ୍ ୧୧ରେ ବାଙ୍କିକୁ ଇଂରେଜ ଅଞ୍ଚଳ ସହ ମିଶାଇ ଦିଆଗଲା। ବାଙ୍କିର ରାଜପଦ ଲୋପ ପାଇଲା। ଏବେ ମଧ୍ୟ ସେହି କରୁଣ କାହାଣୀ ବାଙ୍କିର ଲୋକେ ଭୁଲି ନାହାନ୍ତି। ଲୋକେ କହନ୍ତି, ରାଜଗୁରୁ ମରିବା ଆଗରୁ ବାଙ୍କି ରାଜବଂଶକୁ ନିଃବଂଶ ହେବା ପାଇଁ ଅଭିଶାପ ଦେଇଥିଲେ। ପରବର୍ତ୍ତୀ କାଳରେ ଏହା ସତ୍ୟରେ ପରିଣତ ହୋଇଥିଲା।

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ, ଉମରକୋଟ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଏସ ଆର ବି ସ୍ୱସ୍ତିକ ପୋଉର୍ଟି ଫାଉଣ୍ଡେସନ ତରଫରୁ ରନ୍ଧା ଖାଦ୍ୟ ବଣ୍ଟନ



ବାଲେଶ୍ୱର (ପିଏନ୍)-ସରିଯାଇଛି ପାର୍ବଣ କମିଯାଇଛି ଲୋକଙ୍କ ମନକୁ ଉତ୍ସାହ ଓ ସେବା ମନୋବୃତ୍ତି କିନ୍ତୁ କମିନାହିଁ। ବାଲେଶ୍ୱର ରେଳଷ୍ଟେସନ ଠାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ବଂଟନ କରାଯାଇଛି। ଏସ ଆର ବି ସ୍ୱସ୍ତିକ ପୋଉର୍ଟି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଯେପରି କି କୋଭିଡ଼ ସମୟରେ ମାସ୍କ ବଣ୍ଟନ ସହ ସଚେତନ କାର୍ଯ୍ୟକ୍ରମ, ରକ୍ତଦାନ, ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର, ବୃକ୍ଷରୋପଣ, ରୋଗୀଙ୍କୁ ଫଳ ବଣ୍ଟନ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସେହିପରି ଭାବରେ ସନ୍ଧ୍ୟାରେ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ୫୦ରୁ ଉର୍ଦ୍ଧ୍ୱ ଅସହାୟଙ୍କୁ ଅନୁଷ୍ଠାନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଉପସ୍ଥିତିରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ଅନୁଷ୍ଠାନର ସଦସ୍ୟସଦସ୍ୟାମାନେ ସହଯୋଗ କରିଥିଲେ। ଆଗକୁ ମଧ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅଧକ୍ଷା ସଂଯୁକ୍ତା ରାଣୀ ବେହେରା କହିଛନ୍ତି।

# ସରଫୁଦ୍ଦିନ ଖାନ ଓ ଇନ୍ଦୁ ଶ୍ରୀଚନ୍ଦନଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): କଂଗ୍ରେସର ଆଜୀବନ କର୍ମୀ ତଥା ଜିଲ୍ଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ସରଫୁଦ୍ଦିନ ଖାନ ଓ ୨ ନମ୍ବର ବ୍ଲକ୍ କଂଗ୍ରେସର ଉପସଭାନେତ୍ରୀ ଶ୍ରୀମତୀ ଇନ୍ଦୁ ଶ୍ରୀଚନ୍ଦନଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଗତ ୮ ତାରିଖରେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲେ । ଏହି ଶୋକ ସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ରଶ୍ମିରଂଜନ ପାଢୀ, ଉପସଭାପତି ସଂୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ କଂଗ୍ରେସ ସଭାପତି ରଘୁନାଥ ଦାସ, ପ୍ରତାପ ବେହେରା ଓ ରାଜେନ୍ଦ୍ର ରଜାକ୍, ଓବିସି ଅଧକ୍ଷ ତ୍ରୈଲୋଚନ ସାହୁ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତ'ୀ, ସମ୍ପାଦକ ଅମ୍ରିତ କୌର, ସାମାଜିକ ଗଣମାଧମର ସୁଧୀର ନାଥ, ବିଶ୍ୱରନ ରାଉତ, ସେକ୍ ହୁସେନ, ବିଶ୍ୱଜିତ ସାହୁ, ଶିବୁ ଓରାମ ପ୍ରମୁଖ ବକ୍ତବ୍ୟ ରଖି ଉଭୟ ନେତାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ କଂଗ୍ରେସ ସଙ୍ଗଠନ ପ୍ରତି ସେମାନଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ । ଉଭୟ ସ୍ୱର୍ଗତ ଖାନ ଓ ଶ୍ରୀମତୀ ଶ୍ରୀଚନ୍ଦନଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶୋକ ସଭାରେ ମତ ପ୍ରକାଶ ପାଇଥିଲେ । ଏହି ଅବସରରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ସେବାଦଳର ବୁଲୁ ଦାସ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ସଭାପତି ବିଜୟ ଆପଟ, ସୁନୀଲ ସିଂହ, ସାକିର ହୁସେନ, ପ୍ରତିମା ପାଣିଗ୍ରାହୀ, ପିସିସି ମହିଳା ସମ୍ପାଦିକା ଲତା ନାୟକ, ଝୁନୁ ପଟ୍ଟନାୟକ, ଦିଲ୍ଲୀପ ଜେନା, ଓବିସି ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି ଶୋକସଭାରେ ଉପସ୍ଥିତ ରହି ଉଭୟ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ ।

## ଶଗଡଗାଡ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ଦାବୀ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ସାତଟି ବ୍ଲକରେ ଥିବା ବହୁ ପାହାଡ଼ିଆ ନଦୀ ଏବଂ ଝରଣା ଦ୍ୱାରା ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ସେହି ନଦୀଗୁଡ଼ିକରେ ବ୍ରିଜ ନଥିବାରୁ ଲୋକେ ଯାତାୟତ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଜିଲ୍ଲା ପ୍ରଶାସନ ସହ ଲୋକ ପ୍ରତିନିଧିମାନଙ୍କୁ ବ୍ରିଜ ପାଇଁ ଦାବି କରିଆସୁଥିଲେ ମଧ ଏହାର ସମାଧାନ ହେଉନଥିବା ଅଭିଯୋଗ କରିଛନ୍ତି। ଏଭଳି ଏକ ନଦୀ ହେଉଛି ଶଗଡଗାଡ ନଦୀ। କାଲିମେଳା ବ୍ଲକର କୋତାଗୁଡା ଗ୍ରାମରେ ରହିଥିବା ଏହି ନଦୀରେ ବର୍ଷା ଦିନ ହେଲେ ବହୁତ ପାଣି ଭରି ରହିବା ସହ ଦୀର୍ଘ ଦିନ ଧରି ଶୁଖିନଥାଏ, ଯାହାଫଳରେ ପ୍ରାୟ ୧୦ଟି ଗ୍ରାମର ଲୋକେ ଏହି ନଦୀକୁ ପାର କରିପାରନ୍ତି ନାହିଁ। ଏଥିସହ ନିଜର ଗାଇଗୋରୁ ଏବଂ ଛେଳିମେଣ୍ଢାକୁ ଚରାଇବା ପାଇଁ ଏହି ନଦୀ ପାର କରି ଜଙ୍ଗଲ ଯିବାକୁ ପଡିଥାଏ। ଲୋକେ ତାହା ମଧ କରିପାରନ୍ତି ନାହିଁ। ଏହି ନଦୀ ପାର ହୋଇ ପ୍ରତିଦିନ ଏମଭି-୭୦, କୋତାଗୁଡା, ମାଟିଗୁଡା, କୁରୁବ, ବଡିଗେଟା, ଟେକଗୁଡା, ଟେକଗୁଡା କଲୋନି ଭଳି ବହୁ ଗ୍ରାମର ଲୋକେ ଯିବାଆସିବା କରନ୍ତି। ଗ୍ରାମବାସୀ ବହୁ ଥର ଏହି ନଦୀର ଫଟୋ ଉଠାଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ତଥା ସାଂସଦ ଏବଂ ବିଧାୟକଙ୍କୁ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେଲା ଲୋକେ ବହୁ କଷ୍ଟ ଭୋଗୁଥିଲେ ମଧ କେହି ଶୁଣୁନଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବୁ ବୋଲି ଗ୍ରାମବାସୀ ଚେତବନୀ ଦେଇଛନ୍ତି।

## ତହସିଲ ଏନଫୋର୍ସମେଂଟ ଟିମ୍‌ର ଚଢଉ, ୭ଟି ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲର ଏନଫୋର୍ସମେଂଟ ଟିମ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେଆଇନ ଭାବେ କଳାପଥର ଓ ବାଲି ପରିବହନ କରୁଥିବା ୭ ଗୋଟି ଗାଡିକୁ ଜବତ କରାଯାଇଛି । ଏନଫୋର୍ସମେଂଟ ଟିମରେ ତହସିଲର ସୁପରଭାଇଜର ନୀଳମଣି ବିଶ୍ୱାଳ, ରଂଜନ ବିଶ୍ୱାଳ, ଆରଆଇ ଚନ୍ଦନ କୁମାର ସାହୁ, ଏଆରଆଇ ଜଗବନ୍ଧୁ ଜେନା ଓ ନିର୍ମଳ ପଣ୍ଡା ପ୍ରମୁଖ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରୁ କଳାପଥର ବୋଝେଇ ୨ଟି ମିନିଟ୍ରକ ଓ ଟ୍ରାକ୍ଟର ଜବତ କରିଥିଲେ । ସେହିପରି କାଏମା ଠାରୁ ରମାପୁର ରାସ୍ତାର କୋଟପୁର ଠାରେ ୨ଟି କଳାପଥର ବୋଝେଇ ୨ ଗୋଟି ଟିପର ଓ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ । ଜବତ ଗାଡିଗୁଡିକୁ ନାକପୋଲ ଆରଆଇ ଅଫିସ ଓ କୋଟପୁର ଫାଣ୍ଡିରେ ରଖାଯାଇଛି । ଜବତ ଗାଡି ଗୁଡିକ ଠାରୁ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ ହେବ ବୋଲି ସୁପରଭାଇଜର ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେଲା ତହସିଲ ପକ୍ଷରୁ ବିଭିନ୍ନ ଖାଦାନ ମାପଚୁପ କରାଯାଉଥିବା ପ୍ରତିବାଦରେ ରାହାଡପୁର, ଡଙ୍କାରୀ, ବିଛାଖଣ୍ଡି, ବାଘୁଆ, ଆରୁହା ଆଦି ଅଂଚଳରେ ଥିବା ସମସ୍ତ ଲିଜ ଖାଦାନକୁ ଇଜରାଦାରମାନେ ବନ୍ଦ କରି ଦେଇଛନ୍ତି । କଂଚାମାଲ ଅଭାବରୁ ଏଠାରେ ଗଢ଼ି ଉଠିଥିବା କ୍ରସରଗୁଡିକ ମଧ୍ୟ ବନ୍ଦ ରହିଛି । ଯାହାଫଳରେ ସାଧାରଣ ଲୋକେ ଘର କରିବା ପାଇଁ ଆବଶ୍ୟକ ଚିପ୍ସକୁ ଉଚ୍ଚା ରେଟରେ ବିକ୍ରି ହେଉଛି । ତେବେ ଯେଉଁ କ୍ରସର ଗୁଡିକରେ ଅଧିକ ମାଲ ଗଚ୍ଛିତ ରହିଛି ସେହି କ୍ରସରର ମାଲିକମାନେ ବିନା ରସିଦରେ ଚିପ୍ସ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି । ତେବେ ବିନା କାଗଜପତ୍ରରେ ମାଲ ପରିବହନ କରୁଥିବା ଗାଡିଗୁଡିକ ବିଭିନ୍ନ ସମୟରେ ତହସିଲ ଓ ପୁଲିସଙ୍କ ଦ୍ୱାରା ଧରାପଡି ତଣ୍ଡ ଗଣିବାକୁ ବାଧ୍ୟ ହେଉଛନ୍ତି ।




# ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଂଚାୟତର ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ୟାସୀ ଗୋଲପେଦା ସଭାପତିତ୍ୱ କରିଥିଲା ବେଳେ, ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଜନ ବେହେରା, ମୁଖ୍ୟବକ୍ତା ଭାବେ ନନ୍ଦିନୀଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ରାସବେଡା ପଂଚାୟତର ସରପଂଚ ପ୍ରମିଳା ଗୁଟା, ପାଣ୍ଡିପାଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ କୁମାର ପାଙ୍ଗି ଓ ସହକାରୀ ଶିକ୍ଷକ ଖୀରଦ ଚନ୍ଦ୍ର ମହାନ୍ତି, ପୋଲେରୁ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ପଦ୍ମଗିରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ସାହୁ, ମୁଦୁଲିପଡ଼ା ବାଳକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କବିରାଜ ପ୍ରଧାନ, ସମାଜସେବୀ ବାଳକୃଷ୍ଣ ପ୍ରଧାନ ମଂଚରେ ମଂଚାସିନ ଥିଲେ ।ଉକ୍ତ କାର୍ଯ୍ୟକ୍ରମର ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସର୍ବ ପ୍ରଥମେ ଠାକୁର ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।ସଭାପତିଙ୍କ ଅନୁମତି କ୍ରମେ ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦନ କୁମାର ମୁଦୁଲି ଓ ଜ୍ୟୋତି ରଞ୍ଜନ ମହାନ୍ତି ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାକାର ରୂପ ଦେବା ନିମନ୍ତେ ସର୍ବଶ୍ରୀ ସମୀର ଶୀସା, ସବିତା ଅଞ୍ଜେଲ୍, ଦେବସ୍ମିତା ସ୍ୱାଇଁ, ବିଚିତ୍ର ପ୍ରଧାନ, ଗଜେନ୍ଦ୍ର ଗହିର ଓ ବିଭୁଦତ୍ତ ଷଣ୍ଢ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।ଅତିଥି ମାନେ ବିଶେଷ କରି ଓଡ଼ିଶା ରାଜ୍ୟରେ ଓ ଭାରତ ବର୍ଷରେ ଚାଲିଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାରତୀୟ ମାନଙ୍କ ଉଲ୍ଲେଖନୀୟ ଯୋଗଦାନ ଓ ସଫଳତା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବାଳିକା ବର୍ଗରେ ୬ ଗୋଟି ଓ ବାଳକ ବର୍ଗରେ ତିନି ଗୋଟି କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା, ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ।

## ମିଳିତ ଜନଶୁଣାଣିରେ ୧୪୪ଟି ଅଭିଯୋଗ ଆଗତ, ୨୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଭଦ୍ରକ, (ପି.ଏନ): ଚଳିତ ଫେବୃୟାରୀ ମାସର ପ୍ରଥମ ମିଳିତ ଜନଶୁଣାଣି ଶିବିର ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁ_ପାଲ୍ଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୪୪ଟି ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେଥିମଧ୍ୟରେ ୧୩୨ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଅଭିଯୋଗ ଥିଲାବେଳେ ୧୨ଟି ସାମୂହିକ ସମସ୍ୟା ଭିିକ ଥିଲା । ରେଡ୍‌କ୍ରସ୍ ସମ୍ବନ୍ଧୀୟ ୪ ଜଣ ଅଭିଯୋଗକାରୀଙ୍କୁ ସମୁଦାୟ ୨୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଦୋଳସାହିର ସୁଷମାରାଣୀ ବିଶ୍ୱାଳଙ୍କୁ ୧୦ ହଜାର, ନଦୀଗାଁର ଚନ୍ଦନ ଦାସଙ୍କୁ ୫ ହଜାର, ବସନ୍ତିଆର ଲିଙ୍ଗରାଜ ସାହୁଙ୍କୁ ୫ ହଜାର, କାଶିମ୍‌ପୁରର ବଳରାମ ଜେନାଙ୍କୁ ୩ ହଜାର ଟଙ୍କା ବିଭିନ୍ନ ରୋଗର ଚିକିତ୍ସା ପାଇଁ ଉକ୍ତ ଅର୍ଥ ମଞ୍ଜୁର କରାଯାଇ ତତ୍କାଳ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଡ଼େପୁଟୀ କଲେକ୍ଟର କା ିକନାଥ ମଣ୍ଡଳ ଓ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ ।

## ମହାବୀର ନଗର ରାସ୍ତା ପାର୍ଶ୍ୱ ବିପଦ ସଂକୁଳ ଟ୍ରାନ୍ସଫର୍ମର ପାଲଟିଛି ମରଣଯନ୍ତା

ଭଦ୍ରକ, (ପି.ଏନ): ଭଦ୍ରକ ପୌରା ଳ ସଂଲଗ୍ନ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଥିବା ଗେଲପୁର ପଂଚାୟତର ସାମରାଇପୁର ମହାବୀର ନଗର ରାସ୍ତା ପାର୍ଶ୍ୱସ୍ଥ ଏକ ବିପଦ ସଂକୁଳ ଟ୍ରାନ୍ସଫର୍ମର ଏବେ ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ ମରଣଯନ୍ତା ସାଜିଛି । କାହିଁକି ନା କଂକ୍ରିଟ୍ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁ ମୂଳରେ ଏହି ଟ୍ରାନ୍ସଫର୍ମରର ମେନ୍ ସୁଇଚ୍ ଖୋଲା ଓ ବିପଦ ସଂକୁଳ ଅବସ୍ଥାରେ ରହିଛି। ଏବଂ ଟ୍ରାନ୍ସଫର୍ମରଟି ତଳୁ ମାତ୍ର ତିନି ଫୁଟ୍ ଉଚ୍ଚତାରେ ରହିଥିବାରୁ ଯାତାୟତ କରୁଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ଅଂଚଳବାସୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡିଛି । ଏପରିକି ନିକଟ ଅତୀତରେ କେତେକ ବୁଲା କୁକୁର ଏହା ସଂସ୍ପର୍ଶରେ ଆସି ଜୀବନ ହରାଇଛନ୍ତି । ବର୍ଷାଦିନରେ ମଧ୍ୟ ଘଡଘଡି ଜନିତ ଦୈବି ଦୁର୍ବିପାକ ଓ କୌଣସି ପକ୍ଷୀ ଏହି ଟ୍ରାନ୍ସଫର୍ମରଟି ସଂସ୍ପର୍ଶରେ ଆସି ପ୍ରଚଣ୍ଡ ବିସ୍ଫୋରଣ ହୋଇଥାଏ । ଯାହା ଏହା ସମ୍ମୁଖରେ ଥିବା ପରିବାରଙ୍କ ପ୍ରତି ବିପଦ ସୃଷ୍ଟି କରିଚାଲିଛି । ଏଠାରେ ସୂଚନାଯୋଗ୍ୟ ଏହି ଅଂଚଳରେ ଏଲ୍‌ଟି ଲାଇନ୍ ସଂଯୋଗ ନଥିବାରୁ ଅତୀତରେ ସ୍ଥାନୀୟ ଅଂଚଳର ୩ଟି ପରିବାର ଏହି ଟ୍ରାନ୍ସଫର୍ମରଟିକୁ ବ୍ୟକ୍ତିଗତ ଭାବେ ବସାଇଥିଲେ। ଏବେ ଏ ଅଂଚଳକୁ କେବୁଲ ତାର ସଂଯୋଗ ହୋଇ ଏଲ୍‌ଟି ଲାଇନ୍ ଦିଆଯାଇଥିଲେ ମଧ୍ୟ ସଂପୃକ୍ତ ପରିବାରଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ କେବୁଲରେ ତାଙ୍କୁ ସଂଯୋଗ ନକରି ପୁରୁଣା ଟ୍ରାନ୍ସଫର୍ମର ମାଧ୍ୟମରେ ବିଦ୍ୟୁତ୍ ଦେଇଚାଲିଛନ୍ତି । ଯାହା କେବଳ ସ୍ଥାନୀୟ ଅଂଚଳବାସୀ ନୁହେଁ ବୁଲା ଗୋରୁଗାଈ ଓ ଏହା ନିକଟରେ ଖେଳୁଥିବା ଛୋଟ ଛୋଟ ପିଲାଙ୍କ ପ୍ରତି ଜୀବନ ହାନିର ଆଶଙ୍କା ସୃଷ୍ଟି କରିଛି । ଏ ସଂପର୍କରେ ସ୍ଥାନୀୟ ଅଂଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ବାରମ୍ବାର ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ତେବେ ଗତ ସରସ୍ୱତୀ ପୂଜା ମହୋତ୍ସବକୁ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ଗସ୍ତ କରିବା କାଳରେ ଉକ୍ତ ବିପଦ ସଂକୁଳ ଟ୍ରାନ୍ସଫର୍ମରଟିକୁ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏବଂ ଏହାକୁ ଜରୁରୀ କାଳୀନ ଭିିରେ ତୁରନ୍ତ ଅପସାରଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଡକାୟତଙ୍କ ଠାରୁ ଝାମ୍ପି ନେଇଥିବା ଟଙ୍କା ଜବତ କରିବା ସହିତ ୩ ଜଣ ଙ୍କୁ ଗିରଫ କରିବାରେ ସଫଳ ହୋଇଛି କୋରାପୁଟ ଟାଉନ ପୋଲିସ

ଜୟପୁର,(ପି.ଏନ): ଡକାୟତଙ୍କ ଠାରୁ ଝାମ୍ପି ନେଇଥିବା ଟଙ୍କା ଜବତ କରିବା ସହିତ ୩ ଜଣ ଙ୍କୁ ଗିରଫ କରିବାରେ ସଫଳ ହୋଇଛି କୋରାପୁଟ ଟାଉନ ପୋଲିସ । ସୂଚନା ଅନୁଯାୟୀ ଗତ ଜାନୁଆରୀ ୩୧ ତାରିଖ ୪.୩୦ ସମୟରେ କୋରାପୁଟ ସଦର ଉମୁରି ପଂଚାୟତ ର ପର୍ଶୁ ମୁଦୁଲି ଓ ତାଙ୍କ ପତ୍ନୀ ସୁଶୀଳା ମୁଦୁଲି ବିବାହ ପାଇଁ କୋରାପୁଟ ଏଚଡ଼ିଏଫସି ବ୍ୟାଙ୍କ ରୁ ତିନି ଲକ୍ଷ ଟଙ୍କା ଉଠାଇବା ପରେ ଟ୍ରାଫିକ ଛକ ମାର୍କେଟ ନିକଟରେ ପରିବା କିଣୁଥିବା ସମୟରେ ଦୁଇ ଜଣ ଅଜଣା ବ୍ୟକ୍ତି ତାଙ୍କ ପତ୍ନୀ ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପି ନେଇ ବାଇକ ଯୋଗେ ପଳାଇ ଯାଇଥିଲେ । ପର୍ଶୁ ମୁଦୁଲି ଓ ତାଙ୍କ ପତ୍ନୀ ପାଟି କରିବା ସହିତ ୩ ରୁ ୪ କିଲୋମିଟର ଦୁର୍ବୃତଙ୍କ ପିଛା କରିଥିଲେ କିନ୍ତୁ ଧରିବାରେ ସକ୍ଷମ ହୋଇନଥିଲେ । ଶେଷରେ ନିରାଶ ହୋଇ କୋରାପୁଟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଟାଉନ ଥାନାରେ କେସ୍ ନଂ -୩୦ ରେ ପଞ୍ଜିକୃତ ହୋଇଥିଲା। ଅଭିଯୋଗ କୁ ଆଧାର କରି କୋରାପୁଟ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଗଠନ କରାଯାଇ ସହର ରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ଏହି ଟିମ୍ ରାୟଗଡା, ଗଜପତି, ଗଞ୍ଜାମ ଜିଲ୍ଲା କୁ ଯାଇ ଯାଞ୍ଚ କରିଥିଲେ । ଶେଷରେ ତାଙ୍କର ମୋବାଇଲ ନମ୍ବର କୁ ଟ୍ରାକ କରି ମାଲକାନଗିରି ରୁ ୩ ଜଣ ଅଭିଯୁକ୍ତ ଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଙ୍କ ଠାରୁ ଦୁଇଟି ମୋଟର ସାଇକେଲ,ପ୍ୟାନ କାର୍ଡ,ବ୍ୟାଙ୍କ ପାସ ବୁକ,ଆଧାର କାର୍ଡ ସମେତ ଏକ ଲକ୍ଷ ଷାଠିଏ ହଜାର ପାଂଚ ଶହ ଚାଳିଶ ଛଅ ଟଙ୍କା ଉଦ୍ଧାର କରିଛି । ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ତରଫରୁ ବିଭିନ୍ନ ଜାଗାରେ ଚଢାଉ ଜାରି ରହିଛି । ଗିରଫ ୩ ଅଭିଯୁକ୍ତ ହେଲେ ଏ ଶିବା, ଡ଼ି ରାଜେନ୍ଦ୍ର, ଏ ଅର୍ଜୁନ ସେମାନଙ୍କ ଘର ଗଂଜାମ ଜିଲ୍ଲାର ଆସ୍କା ବୋଲି କୋରାପୁଟ ଏସପି ଅଭିନବ ସୋନଙ୍କର ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ୨୩୩ ଟି ଅଭିଯୋଗ

କେନ୍ଦୁଝର, (ପି.ଏନ): ଚଳିତ ମାସ ୬ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୨୩୩ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୧୩ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୨ ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା / ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୧୧ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଆଇ.ଏ.ଏସ୍ ପ୍ରୋବେସନର ଧିମେନ୍ ଚଖ୍‌ମା, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ପିଏ ଆଇଟିଡିଏ କେନ୍ଦୁଝର ତପନ କୁମାର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା, ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶ, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ ଏବଂ କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨୨ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା ।

## ମାଟିରୁ ଆକାଶ ଓ ନୀଳ ତୃଷ୍ଣା ପୁସ୍ତକ ଉନ୍ମୋଚନ ସମାରୋହ

ଭଦ୍ରକ, (ପି.ଏନ): ଭଦ୍ରକ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡକ୍ଟର ରାଧାରାଣି ମହାପାତ୍ରଙ୍କର ସଭାପତିତ୍ୱରେ ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କର କବିତା ସଂକଳନ 'ମାଟିରୁ ଆକାଶ' ଓ ନାରୀ କବି ଗୀତାରାଣି ଆଇଚଙ୍କର କବିତା ସଂକଳନ 'ନୀଳ ତୃଷ୍ଣା' ପୁସ୍ତକ ଦ୍ୱୟ ଉନ୍ମୋଚିତ ହୋଇଅଛି। ପ୍ରକାଶକ 'ବନଫୁଲ', ଭୁବନେଶ୍ୱରଙ୍କ ଦ୍ୱାରା ପୁସ୍ତକ ଦ୍ୱୟ ପ୍ରକାଶିତ। ଉକ୍ତ ପୁସ୍ତକ ଉନ୍ମୋଚନ ସମାରୋହ ସଭାକୁ ବିଶିଷ୍ଟ ଲେଖିକା ଡକ୍ଟର ଝରଣା ପଟ୍ଟନାୟକ ଉଦ୍‌ଘାଟିତ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳଙ୍କ ଦ୍ୱାରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଅତିଥି ଡକ୍ଟର ଶଶଧର ଦାସ ଓ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ ଓ ଅନ୍ୟ ମାଣ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରିବା ସଙ୍ଗେସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୁମାରୀ ସାଇକଳ୍ପିତା ମହାରଣା ବେଦପାଠ କରିଥିଲେ। ଗୌତମ ମହାରଣା ସ୍ୱାଗତ ଅଭିଭାଷଣ ପ୍ରଦାନ ପରେ ଆମ୍ପିକା ଉଷାରାଣି ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କ କବିତା ସଂକଳନ 'ମାଟିରୁ ଆକାଶ' ଓ ନାରୀ କବି ଗୀତାରାଣି ଆଇଚଙ୍କର କବିତା ସଂକଳନ 'ନୀଳ ତୃଷ୍ଣା' ପୁସ୍ତକ ଦ୍ୱୟର ଆଭିମୁଖ୍ୟ ଉଭୟ କବୟତ୍ରୀ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। 'ମାଟିରୁ ଆକାଶ' କବିତା ସଂକଳନର କେତୋଟି କବିତାକୁ କବି ବିଚିତ୍ରାନନ୍ଦ ଜେନା ଆବୃତି କରିବା ସଙ୍ଗେସଙ୍ଗେ 'ନୀଳ ତୃଷ୍ଣା' କବିତା ସଂକଳନର କେତୋଟି କବିତାକୁ ଡକ୍ଟର ଅବନୀ ପ୍ରଧାନ ମ୍ନ ଆବୃତି କରିଥିଲେ। ଆମ୍ପିକା ସୁକାନ୍ତି ମହାପାତ୍ର 'ମାଟିରୁ ଆକାଶ' କବିତା ସଂକଳନକୁ ସମୀକ୍ଷା କରିବା ଅବସରରେ ସେ ମାଟିରୁ ଆକାଶ ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣର ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ଶରତ ନାୟକ 'ନୀଳ ତୃଷ୍ଣା' କବିତା ସଂକଳନ ଅବସରରେ ଉକ୍ତ କବିତାରେ ଦୁଇ ପ୍ରକାର ତୃଷ୍ଣାର ସୂଚନା ପ୍ରଦାନ କରିଥିଲେ। ପ୍ରଥମ ତୃଷ୍ଣା ବ୍ୟଭିଚାରର ରଣ ହୁଂକାର ଓ ଦ୍ୱିତୀୟ ତୃଷ୍ଣାରେ ଈଶ୍ୱର ଭାବ ପରିଲକ୍ଷିତ ହୋଇଥିବାର ସୂଚନା ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀର ସଦସ୍ୟା ରୀତା ନାୟକ ଶିଶୁ କବିତା ସଂକଳନ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେସଙ୍ଗେ କବିତା ଗୁଡ଼ିକର ଶବ୍ଦ ବିନ୍ୟାସ କ୍ଲିଷ୍ଟ ନ ହେବା ପାଇଁ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଗାଳ୍ପିକ ଓ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟ ସବୁ ସାହିତ୍ୟ ଭିତରେ ଶ୍ରେଷ୍ଠ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। 'ମାଟିରୁ ଆକାଶ' କବିତା ସଂକଳନର କବୟତ୍ରୀ ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କର କବିତାର ଆଭିମୁଖ୍ୟ ଦୁଃଖର ସଞ୍ଜିବନୀ ସଦୃଶ ଓ 'ନୀଳ ତୃଷ୍ଣା' କବିତା ସଂକଳନର କବୟତ୍ରୀ ଗୀତାରାଣି ଆଇଚ ତାଙ୍କ ବକ୍ତବ୍ୟରେ ଏହା ଅନ୍ତରର ବାସନା ବୋଲି କହିଥିଲେ। ଡକ୍ଟର ଶଶଧର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବା ଅବସରରେ ନାରୀ ଅବଳା ନୁହେଁ ଭାବୁଥିଲେ ବି ଯେତେବେଳେ ଦର୍ପଣ ସମ୍ମୁଖରେ ଛିଡ଼ା ହୋଇ ନିଜର ମୁଖକୁ ଦର୍ଶନ କରେ, ସେତେବେଳେ ସେ ଭାବି ପାରେ ନାହିଁ ତା'ର ସମାଜରେ ପ୍ରକୃତ ସ୍ଥିତି କଣ ? ଉକ୍ତ ସଭାରେ ପ୍ରମୁଖ ବ୍ୟକ୍ତିମାନଙ୍କ ମ୍ନରେ ଅଭୟ ଦ୍ୱିବେଦୀ, ଡକ୍ଟର ଦୁର୍ଯ୍ୟୋଧନ ଦାସ, ଶାନ୍ତନୁ ରାଉତ, ଡକ୍ଟର ମନୀନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବହଳୀ, ସୁଧାକର ରାଉତ, ଫାରୁକ୍ ଭାଇ, ଭାନୁମତୀ ମାଟିଆ, କାଦମ୍ବିନୀ ମହାନ୍ତି, ଅମିତାବାଳା ଆଚାର୍ଯ୍ୟ, ଅଞ୍ଜୁ ରାଉତ, ଜାନକୀ ପାଢୀ, ରଶ୍ମିରେଖା ପରମାଣିକ, ସ୍ନେହଲତା ବେହେରା, ପ୍ରେମଲତା ମିଶ୍ର, ଚୈତାଳୀ ଖିଲାର, ମନୋରମା ରାୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ସହିତ ମଞ୍ଚ ପରିଚାଳନାରେ ରାଜ୍ୟ ପୁରସ୍କୃତ ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ପାଢୀ ଓ ସରୋଜିନୀ ମହାପାତ୍ର ସହଯୋଗ କରିଥିଲେ। ସର୍ବଶେଷରେ ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିବା ସଙ୍ଗେସଙ୍ଗେ ସଭା ସାଙ୍ଗ ହୋଇଥିଲା। ଉକ୍ତ ଉତ୍ସବରେ ସମସ୍ତ କାର୍ଯ୍ୟକ୍ରମରେ ଅରୂପାନନ୍ଦ ଓ ବିଜୟ କୁମାର ବହଳୀ ସହଯୋଗ କରିଥିଲେ।

## ଗୁରୁଜୁଙ୍ଗ ଠାରେ କୃଷି ଓ ସ୍ୱର୍ଣ୍ଣ ଖତ ପ୍ରସ୍ତୁତି ସମ୍ବନ୍ଧୀୟ ସଚେତନତା କର୍ମଶାଳା

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଗୁରୁଜୁଙ୍ଗ୍ ଠାରେ ଆଇଟିସି ମିଶନ୍ ସୁନେହେରା କଲ୍ ପ୍ରକଳ୍ପ ଆନୁକୂଲ୍ୟରେ ମାନବ ଅଧିକାର ସେବା ସମିତି ପକ୍ଷରୁ ଗୁରୁଜୁଙ୍ଗ୍ ପଂଚାୟତର ଚାଷୀ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ୭୨ ଜଣ ଚାଷୀ ଯୋଗଦେଇ ବର୍ତମାନ ସମୟରେ କୃଷକ ତାଲିମ୍ ର ଆବଶ୍ୟକତା ଓ ଉପଯୁକ୍ତ କୃଷି ପଦ୍ଧତି ଅବଲମ୍ବନ କରି ଚାଷକାର୍ଯ୍ୟ ସମ୍ପାଦନ କରିବା ତଥା ବିଭିନ୍ନ ଚାଷ ସମ୍ପର୍କୀୟ ଦିଗ ଉପରେ ବାର୍ତା ପାଇଥିଲେ । ପରବର୍ତୀ ପର୍ଯ୍ୟାୟରେ ମାନବ ମଳରୁ ପ୍ରସ୍ତୁତ ହେଉଥିବା ଶୌଚାଳୟ ଖତ ବା ସ୍ୱର୍ଣ୍ଣ ଖତକୁ କୃଷି କାର୍ଯ୍ୟରେ ବ୍ୟବହାର କରି ସେଥିରେ ଥିବା ପୋଷକ ତତ୍ୱର ଲାଭ ଉଠାଇ ରାସାୟନିକ ସାରର ବ୍ୟବହାରକୁ କମ୍ କରି ଜୈବିକ କୃଷି ଦିଗରେ ଅଗ୍ରସର ହେବା ପାଇଁ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା । ଏବଂ ବିଭିନ୍ନ ଅର୍ଥକାରି ଫସଲ ମୁଗ, ବିରି ଇତ୍ୟାଦି ତଥା ଧାନ ଚାଷରେ ବିଭିନ୍ନ ରୋଗ ପୋକ, ବିହନ ବିଶୋଧନ ଇତ୍ୟାଦି କୃଷି ସମ୍ବାଦୀୟ ବିଷୟ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଗ୍ରାମ୍ୟ କୃଷି କର୍ମୀ, ଗୁରୁଜୁଙ୍ଗ୍ ପଂଚାୟତ ଦିଲ୍ଲୀପ ମାଝୀ ଯୋଗଦେଇଥିବା ବେଳେ ଅତିଥି ରୂପେ ପୂର୍ବତନ ସରପଂଚ ତପେଶ୍ୱର ଶବର ଓ ସମାଜସେବୀ ଜୟକୃଷ୍ଣ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମାସ୍ ର ଭୋଲାମଣି ବାଗ୍, ଉମାକାନ୍ତ କଟା, ଭ୍ରମର ହରିଜନ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ, ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ କୋଇଲା ଆବଂଟନ ଓ ବ୍ୟବହାର ସମସ୍ତ ସର୍ତ୍ତ ଉଲଘଂନ କରିଛନ୍ତି : ପଂଚାନନ




ଭୁବନେଶ୍ୱର ,(ପି.ଏନ): Odisha Power Generation Corporation, Odisha Coal and Power Limited, କୋଇଲା ଆବଂଟନ ଓ ବ୍ୟବହାରର ସମସ୍ତ ସର୍ତ ଉଲଘଂନ କରିଛନ୍ତି । ଏହି ସର୍ତରେ ଥିଲା ଯେ, କେହି ମନୋହରପୁର, ଦୀପ ମନୋହରପୁର ରୁ ନେଉଥିବା କୋଇଲାର ବ୍ୟବସାୟିକ ବ୍ୟବହାର କରିବେ ନାହିଁ ଓ ଏ ସମସ୍ତ କୋଇଲା ବିଦ୍ୟୁତ ଉତ୍ପାଦନ ଖର୍ଚ୍ଚ କମ୍ ରଖିବା ପାଇଁ ବ୍ୟବହୃତ ହେବ। କିନ୍ତୁ ଦେଖାଯାଉଛି କୋଇଲା ଟନ୍ ପିଛା ୪୫୦ ଟଙ୍କାରେ ଉତୋଳନ କରି ୭୫୮ ଟଙ୍କାରେ ବିକ୍ରି କରାଯାଉଛି ଓ ସେଥିରୁ ଲାଭାଂଶ ନିଜ କମ୍ପାନୀ ଭିତରେ ଓ ସରକାରଙ୍କ ସହିତ ଭାଗ କରି ନିଆଯାଉଛି । ଏ ସମ୍ପର୍କୀତ ସମସ୍ତ ତଥ୍ୟ ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ ଉପସ୍ଥାପନ କରିଛନ୍ତି । ଶ୍ରୀ କାନୁନ୍‌ଗୋ ଅଭିଯୋଗ କରିଥିଲେ ଯେ, ସରକାର ଓ ଓ.ଇ.ଆର.ସି. ର ଜ୍ଞାତସାରରେ ଏସବୁ କାର୍ଯ୍ୟ ହୋଇଛି। ଯଦି ଚୁକ୍ତି ଅନୁସାରେ ହୋଇଥାନ୍ତା ତେବେ ଉପଭୋକ୍ତାଙ୍କ ୟୁନିଟ୍ ପିଛା ୫୦ ରୁ ୫୭ ପଇସା କମ୍ ଆଦାୟ ହୋଇଥାନ୍ତା। ସାଧାରଣ ଓ ଗରୀବ ଉପଭୋକ୍ତାଙ୍କ ଠାରୁ ପଇସା ଆଣି ବଡ଼ ଲୋକଙ୍କ ପାଖରେ ଠୁଳ କରିବା ନିମନ୍ତେ ସରକାର ପୁଣି ଏକ ଉଦ୍ୟମ ଆରମ୍ଭ କରିଛନ୍ତି ଯାହା ଅତ୍ୟନ୍ତ ନିନ୍ଦନୀୟ। ଓ.ପି.ଜି.ସି.ର ୨୫ ପ୍ରତିଶତ ଅଂଶଧନ ବିକ୍ରୟ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଅର୍ଥାତ ଏଥିରୁ ମିଳିବା ଲାଭାଂଶ ସେମାନଙ୍କ ମଧ୍ୟରେ ବଂଟାଯିବ। ଏହାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଘୋର ବିରୋଧ କରେ। କୌଣସି ଘରୋଇ ବେପାରୀକୁ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଲାଭ ଉଠାଇବା ପାଇଁ ନ ଦେବାକୁ ଦାବୀ କରିଛନ୍ତି। ରାଜ୍ୟର କୋଇଲା ବ୍ୟବହାର କରି ଓ.ପି.ଜି.ସି ପାଖାପାଖି ୯୭୩ ମେଗାୱାଟ ବିଦ୍ୟୁତ ଉତ୍ପାଦନ ଖର୍ଚ୍ଚ ତୁରନ୍ତ କମାଯାଉ। ଓ.ଇ.ଆର.ସି. ଏହାର ତଦନ୍ତ କରି ଦର ଧାର୍ଯ୍ୟବେଳେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରିଛି । ସମସ୍ତ ଉତ୍ପାଦନ ଓ ଏହାର ଖର୍ଚ୍ଚ ଉପରେ ରାଜ୍ୟ ଇମମକ୍ଷଙ୍କଭଷ୍ପବଭଷ୍ପ ଏରଭରକ୍ଷବକ୍ଷ ସମସ୍ତ ହିସାବ ଏବଂ ସର୍ତ ଅନୁସାରେ ଦର ନିଶ୍ଚୟ କରିବା ସଂପର୍କରେ ଚୂଡ଼ାନ୍ତ ନିଷ୍ପତି ନ ନେବା ପର୍ଯ୍ୟନ୍ତ ଓ.ପି.ଜି.ସି.ର ଅଂଶଧନ ବିକ୍ରୀ ବନ୍ଦ କରାଯାଉ ବୋଲି ଦାବୀ କରିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ କିଶୋର ଜେନା ଓ ମନୋରଜନ ଦାଶ ଉପସ୍ଥିତ ଥିଲେ।




MAHARISHI PUBLIC SCHOOL

2023-2024
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Wednesday February 08, 2023 ଭୁବନେଶ୍ୱର ବୁଧବାର, ଫେବୃଆରୀ ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ହଜାର ହଜାର ଭକ୍ତଙ୍କ ସମାଗମରେ ଶେଷ ହେଲା ସୋସୋ ବିଶ୍ୱଶାନ୍ତି ଗୀତା ଯଜ୍ଞ ର ପୁର୍ଣ୍ଣାହୁତି ଶେଷ ପ୍ରବଚନରେ ସାମିଲ ହେଲେ ହିନ୍ଦୁ ମୁସଲିମ୍



ହାଟଡ଼ିହ,(ପ.ଏନ):: କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ସୋସୋ ଗ୍ରାମରେ ୫୪ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ର ଶୁକ୍ରବାର ୩ ତାରିଖରେ ଅଧିବାସ କଳସ ଆସି ରବିବାର ୫ତାରିଖରେ ପୁର୍ଣ୍ଣାହୁତି ହୋଇଛି । କଳସ ଶୋଭାଯାତ୍ରା ରେ ଗ୍ରାମ ପରିକ୍ରମା କରାଯାଉଥିବା ବେଳେ ଶଙ୍ଖ ହୁଳହୁଳି ଘଂଟ ବାଦ୍ୟରେ ଗ୍ରାମ ଟି ଉତ୍ସବ ମୁଖର ହୋଇପଡିଥିଲା । ପୂଜକ ବୈଦ୍ୟନାଥ ନନ୍ଦ, ସୁବାଶ ଚନ୍ଦ୍ର ଦାଶ, ସୁଧାକର ପତି, ଦାମୋଦର ତ୍ରିପାଠୀ, ରାଧାକୃଷ୍ଣ ପଣ୍ଡା, ଉପେନ୍ଦ୍ର ଉପାଧ୍ୟାୟ, ବଳରାମ ଶତପଥି, ବସନ୍ତ କୁମାର ପତି, ଅମରେଶ୍ ନନ୍ଦ ଙ୍କ ପୂଜାପାଠ ଓ ପୁର୍ଣ୍ଣାହୁତି ର ଯଜ୍ଞପାଠରେ ଆଧ୍ୟାତ୍ମିକର ପରିବେଶ ସୃଷ୍ଟି କରିଥିବାବେଳେ ଧୁପ ନୈବ୍ୟଦରେ ଆଖପାଖ ଅଂଚଳ ସୁଗନ୍ଧମୟ ହୋଇପଡିଥିଲା । ସୋସୋ ଯଜ୍ଞରେ ଆଖାପାଖ ଅଂଚଳର ୧୦ଟି ପଂଚାୟତ ର ଲୋକମାନଙ୍କର ସମାଗମ ହେବା ସହିତ ବଦ୍ରକ ଜିଲାର ଆଗରପଡା ଏବଂ ବାଲେଶ୍ୱର ଜିଲାର କୁପାରି ଅଂଚଳରୁ ଭକ୍ତଙ୍କ ସମାଗମ ହୋଇଥାଏ । ବିଭିନ୍ନ ଦେକାନ ବଜାର ସାଙ୍କୁ ବିଭିନ୍ନ ପ୍ରକାର ଦୋଳି ଏବଂ ଆଲୋକ ସଜାରେ ସେ ଅଂଚଳ ଆଲୋକମୟ ହୋଇ ପଡିଥିବାରୁ ଅଧିକ ଆକୃଷ୍ଟ ସୃଷ୍ଟି କରିଥାଏ । ଏହି ଯଜ୍ଞରେ ଆଖାପାଖ ଅଂଚଳରୁ ବହୁ ଲୋକ ମାନସିକ ବତ୍ର ରଖି ଚରୁଭୋଗ ଲଗାଇଥାନ୍ତି । ଆଖାପାଖ ଲୋକଙ୍କର ଏହା ବିଶ୍ୱାର ପ୍ରତିକ ହୋଇଥାଏ । ପୁର୍ଣ୍ଣାହୁତିରେ ଗତକାଲି ହଜାର ହଜାର ଭକ୍ତଗ ସମାଗମ ହୋଇଥିବାବେଳେ ବହୁ ମାନାଗଣ୍ୟ ବ୍ୟକ୍ତି ପୁର୍ବତନ ପିପିସି ସଭାପତି ଜୟଦେବ ଜେନା, ଯୁବ ସମାଜ ସେବୀ ଇଂ ବିଶ୍ୱନାଥ ପ୍ରତାପ ଜେନା, ସାସଂଦ ପ୍ରତିନିଧି ନନ୍ଦୁ ଚରଣ ଜେନା, ଜୟଦୁର୍ଗା ଫାଉଣ୍ଡେସନର ଅଧ୍ୟକ୍ଷା ସୁରେଶ୍ୱରୀ ଜେନା, ସର୍ବଜିତା ଫାଉଣ୍ଡେସନ ଅଧ୍ୟକ୍ଷା ଝାନ୍ସିରାଣି ଦାସ, ପୁର୍ବତନ ବିଧାୟକ ମାୟାଧର ଜେନା ଆଦି ବହୁ ବ୍ୟକ୍ତି ଯଜ୍ଞ ମଣ୍ଡପରେ ପହଂଚି ଆର୍ଶିବାଦ ଲାଭ କରିଥିଲେ । ହଜାର ହଜାର ଭକ୍ତଙ୍କ ସମାବେଶରେ ଯଜ୍ଞ ମଣ୍ଡପ ସ୍ଥଳି ଉତ୍ସବ ମୁଖର ହୋଇପଡିଥିବାବେଳେ ବିଭିନ୍ନ ଦେକାନ ବଜାରରେ ଭିଡ ହୋଇଥିଲା । ସୋସୋ ପୁଲିସ ର ଥାନା ଅଧିକାରୀ ସୁନିଲ କୁମାର ସାମଲ ଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ସୁଚନା ଯୋଗ୍ୟ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଗୀତା ଯଜ୍ଞର ୧୯୭୦ ମସିହାରେ ଶୁଭାରମ୍ଭ ଘଟିଥିଲା । ଏବେ ଏହା ୫୪ ବର୍ଷରେ ପଦାର୍ପଣ କରିଛି । ଯଜ୍ଞ ପରେ ଗତକାଲି ସୁଦର୍ଶନ ମହାରାଜଙ୍କ ପ୍ରବଚନ କାର୍ଯ୍ୟକ୍ରମ ରେ ହିନ୍ଦୁ ମୁସଲିମ ପ୍ରବଚନ ଶୁଣୁଥିବା ଦେଖିବାକୁ ମିଳିଥିଲା । ଯାହାକି ଗାଁର ଭାଇଚାର ର ଉଦାହରଣ ଦେଇଥିବାବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକତା ରାଜ୍ୟର ପରିଚୟ ସୃଷ୍ଟି କରିଛି ।

## ଓଡିଶା କୁଡୁମି ସମାଜ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧିତ

ଚମ୍ପୁଆ,(ପ.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଂଚାୟତର ଶରାଷପଶି ଠାରେ ଗତ ୪ ଓ ୫ ତାରିଖ ୨ ଦିନ ଧରି ଅନୁଷ୍ଠିତ ବିଶାଳ ଓଡିଶା କୁଡୁମି ସମାଜ ସମାବେଶରେ ଶିକ୍ଷକ ଅରବିନ୍ଦ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଅତୁଳନିୟ ଅବଦାନ ଏବଂ ଏକ ଧାରରେ ଜଣେ କବି, ଲେଖକ ଓ ସଂଗ୍ରାହକ ଭାବେ ପରିଚିତ ଶ୍ରୀ ମହାନ୍ତଙ୍କୁ ଉପସ୍ଥିତ ଅତିଥି ଅଧିକାରୀ ମାନେ ଉପଢୋକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ଘେରିଲେ ଗ୍ରାମବାସୀ

ପଣ୍ଡାପଡା:(ପ.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ମଣିପୁର ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ । ସୂଚନା ଥାଉକି ୧୯୫୦ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ପିଛା ଛାଡୁନାହିଁ । ଉକ୍ତ ବିଦ୍ୟାଳୟରେ ୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଜଣେ ମାତ୍ର ଶିକ୍ଷକ ରବିନ୍ଦ୍ର ମହାନ୍ତ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ଅଛନ୍ତି । ଯିଏ କି ଚଳିତ ଫେବୃଆରୀ ମାସ ୨୮ ତାରିଖରେ ଅବସର ଗ୍ରହଣ କରିବେ । ଶ୍ରୀ ମହାନ୍ତ ଅବସର ଗ୍ରହଣ କରିବା ପରେ ୭୦ଜଣ ଛାତ୍ରଛାତ୍ରୀମାନେ ପାଠପଢାରେ ଡୋରି ବାନ୍ଧିବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ନେଇ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ । ବିଇଓ ମହୋଦୟ ୭ ଦିନ ଭିତରେ ଶିକ୍ଷକ ନିଯୁକ୍ତି କରିବାକୁ ପ୍ରତିଶୃତି ଦେଇଥିଲେ ମଧ ୨ ବର୍ଷ ବିତିଗଲାଣି ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇପାରି ନାହିଁ । ବିଦ୍ୟାଳୟ କମିଟିର ସଭାପତି କନ୍ଦର୍ପ ବେହେରା, ଉପସଭାପତି ନର୍ମଦା ପ୍ରଧାନ, ପୂର୍ବତନ ସଭାପତି ସସ୍ମିତା ପେଣ୍ଠେଇ, ସମିତିସଭ୍ୟ ଜିତେନ୍ଦ୍ର ନାଏକଙ୍କ ସହ ବିଚିତ୍ର ପେଣ୍ଠେଇ ପ୍ରମୁଖ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି କରିବାକୁ ଦାବି କରିଛନ୍ତି । ଶିକ୍ଷକ ନିଯୁକ୍ତି କରାନଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତା ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ।

## ଶିଶୁ ମହୋତ୍ସବ ଓ ବିଜ୍ଞାନ ମେଳା ଅନୁଷ୍ଠିତ

ଯୋଡା,(ପି.ଏନ):ଯୋଡା ପୌରପାଳିକାରେ ଟାଟା ଷ୍ଟିଲ୍ ଦ୍ୱାରା ପରିଚାଳିତ ସାମାଜିକ ଅନୁଷ୍ଠାନ ଆସ୍ୱାୟାର ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ମଙ୍ଗଳବାର ଦିନ ଶିବ ଶଙ୍କର ହିନ୍ଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁନ୍ଦୁରୁନାଲା ବିଦ୍ୟାଳୟ, କୁନ୍ଦୁରୁନାଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିବଶଙ୍କର ବିଦ୍ୟାଳୟ, ଆଜାଦ ବସ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯୋଡା ସରକାରୀ ମକତାବ ବିଦ୍ୟାଳୟ ଓ ୫ନଂ ୱାର୍ଡର ତିନୋଟି ଅଙ୍ଗନୱାଡି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେବା ସହ ଆସ୍ୱାୟାର ଦ୍ୱାରା ଶିକ୍ଷାଦାନ ପାଉଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହିଁ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରତିଭାକୁ ବିଜ୍ଞାନ ଓ କଳା ମାଧମରେ ପ୍ରଦର୍ଶନ କରିଥିଲେ । ଆସ୍ୱାୟାର ଦ୍ୱାରା ଶିକ୍ଷାଦାନ ପାଉଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ମନ୍ତ୍ରମୁଗ୍ଧ ହୋଇଥିବା ବେଳେ ଶାରୀରିକ ବିଜ୍ଞାନ, ବୈଦ୍ୟୁତିକ ବିଜ୍ଞାନ ଭି□କ ପ୍ରୋଜେକ୍ଟ ଗୁଡିକ ଖୁବ୍ ଆକର୍ଷଣ ହୋଇଥିଲା । ଅଙ୍ଗନୱାଡିର କୁନି କୁ ପିଲାଙ୍କ ଦ୍ୱାରା ପରିବେଷଣ କାର୍ଯ୍ୟକ୍ରମ ମଧ ଅତିଥି ମାନଙ୍କୁ ଆକୃଷ୍ଟ କରିଥିଲା । ପରିଶେଷରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଗରିକ ନୀଳମଣି ମହାନ୍ତି ଓ ଯୋଡା ବିକାଶ ପରିଷଦର ସଭାପତି ନିରନ ବହିଦାର ଯୋଗ ଦେଇଥିବା ବେଳେ ଯୋଡା ସହରର ସୁନାମଧନ୍ୟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଅମର କେଜ୍ରିୱାଲ, ଯୁବ ସଂଗଠକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିବଶଙ୍କର ବିଦ୍ୟାଳୟ ଓ କୁନ୍ଦୁରନନଳା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଆସ୍ୱାୟାର ଅନୁଷ୍ଠାନର ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମର ବିଭିନ୍ନ ଦାୟିତ୍ୱରେ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ହରିହାଟ ପ୍ରାଙ୍ଗଣରେ ନାମଯଜ୍ଞ

ଯାଜପୁର ,(ପି.ଏନ): ଅକରପଡ଼ା ଗ୍ରାମପ□ାୟତ ସ୍ଥିତ ଶ୍ରୀଧରପୁର ଆନ୍ଦୋଳା ହାରିହାଟ ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଅଗିରାପୂର୍ଣ୍ଣମିରେ ଶୁଭାଧିବାସ ହୋଇ ସୂର୍ଯ୍ୟପୂଜା, ହରିଗୋସେଇଁଙ୍କ ପୂଜାର୍ଚ୍ଚନା ହେବା ସହ ଅଷ୍ଟପ୍ରହର ନାମଯଜ୍ଞ ପବିତ୍ର ହରିହାଟ ପ୍ରାଙ୍ଗଣକୁ ସୁଶୋଭିତ କରିଥିଲା । ନାମଯଜ୍ଞ ମଣ୍ଡପର ଅପୂର୍ବ ସାଜସଜା, ବିଦ୍ୟୁତ ଆଲୋକର ତୋରଣ ଓ ଶତାଧିକ ସଂକୀ□ନ ପ୍ରେମୀଙ୍କ ଯୋଗଦାନ ବାସ୍ତବିକ ଆଧାତ୍ମିକ ଏକ ପରିବେଶ ସୃଷ୍ଟି କରିଥିଲା । ପ୍ରକାଶ ଥାଉକି ଏହି ପ୍ରାଚୀନ ହରିହଟ ପ୍ରାଙ୍ଗଣର ପୌରାଣିକ କିମ୍ବଦନ୍ତି ଅଛି । ଗ୍ରାମବାସୀଙ୍କ ସହଯୋଗରେ ନଗର ଭ୍ରମଣ, ପ୍ରସାଦ ଦେବନ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଯୋଗଦାନ ଏହି ନାମଯଜ୍ଞ କାର୍ଯ୍ୟକ୍ରମ ଆଦି ଆନନ୍ଦ ଉଲ୍ଲାସ ଓ ଶାନ୍ତ ଶୃଙ୍ଖଳାର ସହିତ ସମ୍ପର୍ଣ୍ଣ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସୁଦର୍ଶନ ମହାଳିକ, କୃଷ୍ଣଚନ୍ଦ୍ର ମହାଳିକ, ପ୍ରଭାତ କୁମାର ପରିଡ଼ା, ସୁକଦେବ ବାରିକ, ରବିନ୍ଦ୍ର କୁମାର ରାଉତ, ସତ୍ରୁଘ୍ନ ମହାଳିକ, ରବି ମହାରାଜ, କିଶୋର ପ୍ରଧାନ ପ୍ରମୁଖ ସଂଚାଳନ କରିଥିଲେ ।

## ନବୀନ ସରକାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାର ମାଷ୍ଟରମାଇଣ୍ଡକୁ ଖସାଇ ଦେବାକୁ ଅପଚେଷ୍ଟା କରୁଛନ୍ତି : ୟାସିର ନୱାଜ, ଛାତ୍ର କଂଗ୍ରେସ ସଭାପତି



ଭୁବନେଶ୍ୱର, (ପି.ଏନ) : ମଙ୍ଗଳବାର ଦିନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ୟାସିର ନୱାଜ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଙ୍କ ହତ୍ୟା ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କ ତଦନ୍ତ ସଂସ୍ଥା ପ୍ରତିଦିନ ନୂଆ କାହାଣୀ ଲେଖୁଛନ୍ତି । ନବୀନ ସରକାର ତଦନ୍ତକୁ ନେଇ ସାଧାରଣ ଜନତା ସନ୍ଦେହ ପ୍ରକଟ କଲେଣି । ଏହି ହତ୍ୟାକାଣ୍ଡକୁ ଲୁଚାଇ ଦେବାକୁ ଚକ୍ରାନ୍ତ ହେଉଛି ବୋଲି ସାଧାରଣ ଜନତା ଆଲୋଚନା କଲେଣି । ନବୀନ ସରକାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାର ମାଷ୍ଟର ମାଇଣ୍ଡକୁ ଖସାଇ ଦେବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ନୱାଜ କହିଛନ୍ତି । ପ୍ରଶ୍ନ ହେଉଛି ଝାରସୁଗୁଡ଼ା ଜିଲ୍ଲା ହସ୍ପିଟାଲର ଇ.ସି.ଜି. ରିପୋର୍ଟରେ ନବ ଦାସ ମୃତ ବୋଲି ଜଣାପଡ଼ିଲା ପରେ ତାଙ୍କୁ ଭୁବନେଶ୍ୱର ଆଣି ଆପୋଲୋ ହସ୍ପିଟାଲରେ କ'ଣ ପାଇଁ ଅସ୍ତ୍ରୋପଚାର କରଗଲା ? ଏଥିରେ ଘଟଣାଟି ଆହୁରି ରହସ୍ୟାବୃତ ହେଉଛି । ଝାରସୁଗୁଡ଼ା ଏୟାରପୋର୍ଟ ଥାନା ଲାଟ୍ରିନରେ ଗୋପାଳ ଦାସର ଚିଠି ଦୁଇଦିନ ପରେ ନଷ୍ଟ ନହୋଇ ତାଜା ରୂପରେ ବାହାରିବା ଏବଂ ଲାଟ୍ରିନକୁ ସଫା କରିଥିବା ଲୋକ କୌଣସି ଚିଠି ନ ବାହାରିବା କଥା ଗଣମାଧମରେ ପ୍ରକାଶ କରିବା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଛି । ଏହା ଜହ୍ନମାମୁ ଗପ ପରି ଲାଗୁଛି । ଗୋପାଳ ଦାସଙ୍କୁ କେତେବେଳେ ପୁରସ୍କାରପ୍ରାପ୍ତ, କେତେବେଳେ ମାନସିକ ବିକାରଗ୍ରସ୍ତ, କ'ଣ ଯେ କୁହାଯାଉଛି ତା'ର କିଛି ଠିକ୍ ଠିକଣା ରହୁନି । ଡି.ଜି. ମହାଶୟ ଯିଏକି ରାଜନୈତିକ ଦଳମାନେ ତାଚ୍ଛଲ୍ୟ କରିବା ପରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କଲେ ତାହା ବି ଆଲୋଚନାର ବିଷୟ ହୋଇଛି । ସେ ହାତ ଟେକି ଦେଇ କହୁଛନ୍ତି 'କେମିତି ହତ୍ୟା ହୋଇଛି ତାହା ଜଗନ୍ନାଥଙ୍କୁ ଜଣା' । ଏଥିରେ ପୋଲିସ୍ ବିଭାଗର ଅଯୋଗ୍ୟତାକୁ ଡିଜି ନିଜେ ମାନିଯାଉଛନ୍ତି । ପୋଲିସ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅଧିନ ଯାହାର ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ଅଛନ୍ତି ଏବଂ ଏହା ୨୨ବର୍ଷ ଧରି ଏହା ଏକ ଅଚଳ ସଂସ୍ଥା ହୋଇପଡ଼ିଛି । ଝାରସୁଗୁଡ଼ା ଜିଲ୍ଲା ଏସ୍.ପି ସମ୍ପୃକ୍ତ ଏସ୍.ଡ଼ି.ପି.ଓ ଏବଂ ଇନିସ୍ପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ତାଙ୍କୁ କେବଳ ବଦଳି କରିବା ଘଟଣା ଆଶ୍ଚର୍ଯ୍ୟଜନକ । ମୁଖ୍ୟକଥା ହେଉଛି ଯେଉଁ ଅଫିସରଙ୍କୁ କ୍ରାଇମବ୍ରାଂଚ□ ତଦନ୍ତ ଦିଆ ହୋଇଥିଲା, ତନ୍ମଧରୁ ଜଣେ ୨ଟି ହାଜତ ମୃତ୍ୟୁରେ ସମ୍ପୃକ୍ତ । ଆଉ ଜଣେ ମିଛ ଜାତି ପ୍ରମାଣ ପତ୍ର ଦେଇଥିଲେ । ଏହିସ୍ତରରେ ରଦିଆ ଅଫିସର ଏମାନେ । ଯାହା ନବୀନ ସରକାରରେ ଘଟୁଛି, ତାକୁ ଯଦି ଅନୁଶୀଳନ କରାଯାଏ ତବେ ଗୋପାଳ ଦାସର କେତେବେଳେ ମୃତ୍ୟୁ ହେବ ତାହା କହିହେବନି । କାରଣ ମମିତା ମେହେର ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ମାହାଙ୍ଗା ଡ଼ବଲ ମର୍ଡ଼ର ଘଟଣାର ମୁଖ୍ୟ ଆସାମୀ ପ୍ରଫୁଲ୍ଲ ବିଶ୍ୱାଳର ମୃତ୍ୟୁ ଆଜି ବି ରହସ୍ୟ ଘେରରେ ରହିଛି ।ଜଣେ କ୍ୟାବିନେଟ ସହଯୋଗୀର ହତ୍ୟା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏକ କ୍ୟାବିନେଟ ବୈଠକ ଡ଼କାଇ ତାଙ୍କର ଶୋକ କରିପାରିଲେନି । ଗୃହ ସଚିବ ଏ ରାଜ୍ୟରେ ଅଛନ୍ତି କି ନାହିଁ ତାହା ଜଣାପଡୁନି । ଗୃହ ରାଷ୍ଟ୍ରମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି ।ଶ୍ରୀ କାର୍ତିକେୟନ ପାଣ୍ଡିୟାନ ଯିଏକି ସ୍ୱଚ୍ଛ ଶାସନର ଆହ୍ୱାନ ଦେଉଛନ୍ତି, ବାସ୍ତବରେ ତାଙ୍କର ପୋଲିସ୍ ବିଭାଗ କେତେ ଅସ୍ୱଚ୍ଛ ତାହା ଜଣାପଡ଼ିଯାଉଛି । ସେ ନବୀନ ଶାସନକୁ ସ୍ୱଚ୍ଛ କରିବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣ ଜନତାଙ୍କ ଆଗରେ ସ୍ୱୀକାର କରନ୍ତୁ । ଅନ୍ୟ ପକ୍ଷରେ ଜଣେ ମହିଳା ଯିଏକି ନବ ଦାସଙ୍କ ମୃତ୍ୟୁରେ ମିଠା, ମଟନ ବାଂଟୁ ଥିଲେ, ତାଙ୍କୁ ବିଜେଡ଼ି ସଂଗଠନ ସମ୍ପାଦକ ଶ୍ରୀ ବବି ଦାସ ବିଜେଡ଼ି ଦଳୀୟ ଉତରୀୟ ଦେଇ ସମ୍ମାନ କରିଥିବା ଫଟୋ ଗଣମାଧମରେ ପ୍ରଚାରିତ ହେବା ପରେ ନବଦାସଙ୍କ ହତ୍ୟା ରହସ୍ୟମୟ ହୋଇପଡ଼ିଛି ।ଓଡ଼ିଶା ପୋଲିସ୍ ବା କ୍ରାଇମବ୍ରାଂଚର କାର୍ଯ୍ୟଦକ୍ଷତା ନାହିଁ । ଅତୀତର ଅନେକ ଘଟଣାର ତଦନ୍ତ କରି ବିଫଳ ହେବା ବା ଘଟଣାର ପ୍ରମାଣ ନଷ୍ଟ କରିବା ଅଭିଯୋଗ ରହିଛି । ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ମହାଙ୍ଗା ଥାନା ଏଫଆଇଆରରୁ କାଟିଦେବା ଏବଂ ସାଲେପୁର କୋର୍ଟ ପୁଣି ପ୍ରତାପ ଜେନାଙ୍କ ନାମ ଏଫ୍ଆଇଆରରେ ଭର୍ତି କରିବା ଘଟଣା ପୋଲିସ୍ର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରୀ, ପିହୁ, ବେବିନା, ଇତିଶ୍ରୀ , କୁନ୍ଦୁଲି ଛାତ୍ରୀ, ସ୍ମିତାରାଣୀ ଏଭଳି ଅନେକ ଘଟଣର ତଦନ୍ତ ପୋଲିସ୍ ବା କ୍ରାଇମବ୍ରାଂଚ କରିଛି ଏବଂ ନବୀନ ଶାସନର ୨୨ ବର୍ଷରେ ଓଡ଼ିଶା ପୋଲିସ୍ ଏବଂ କ୍ରାଇମବ୍ରାଂଚ□ଏକ ଅନାବଶ୍ୟକ ଅନୁଷ୍ଠାନରେ ପରିଣତ ହୋଇଛି । ସବୁଠାରୁ ବଡ଼କଥା ହେଉଛି ବରିଷ୍ଠ ପୋଲିସ୍ ଅଫିସର ଅରୁଣ ବୋଥ୍ରା ଯିଏକି ଘଟଣାର ତଦନ୍ତଭାର ନେଇଛନ୍ତି, ସିଏ ନୂଆ କାହାଣୀ ଲେଖିବାରେ ସିଦ୍ଧହସ୍ତ । ସରକାରର ଦୋଷ ଓ ଅପରାଧକୁ କିପରି ଲୁଚାଇବାକୁ ପଡ଼ିବ ତାହା ତାଙ୍କୁ ଭଲ ଭାବରେ ଜଣା । ସୁତରାଂ ନବୀନ ସରକାର ଅପରାଧର ମାଷ୍ଟର ମାଇଣ୍ଡକୁ ଲୁଚେଇବା ପାଇଁ ଅପଚେଷ୍ଟା କରୁଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ଦାବି କରିଛି । କଂଗ୍ରେସ ଦଳର ଦାବୀ ଅନୁସାରେ ଛାତ୍ର କଂଗ୍ରେସ ମଧ ଘଟଣାର ହାଇକୋର୍ଟ ତତ୍ତ୍ୱାବଧାନରେ ଏସି.ଆଇ.ଟି ତଦନ୍ତ ଦାବୀକରୁଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray